# ରନ୍ଧନ ଗ୍ୟାସ ପାଇଁ ଭାଳେଣି; ଏଜେନ୍ସି ଆଗରେ ଭିଡ଼




ବ୍ରହ୍ମଗିରି,୧୩।୩(ସମିସ): ରନ୍ଧନ ଗ୍ୟାସ୍ ଯୋଗାଣରେ ବଡ଼ ସଙ୍କଟ ସୃଷ୍ଟି ହୋଇଛି। ବ୍ରହ୍ମଗିରିରେ ଏଲ୍‌ପିଜି ସିଲିଣ୍ଡର ଅଭାବ ଦେଖା ଦେଇଥିବାବେଳେ ଗ୍ୟାସ ଯୋଗାଣ ଅଫିସ ଆଗରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ସରକାରୀ ନିୟମରେ ପରିବର୍ତ୍ତନ ପୂର୍ବକ ବୁକିଂ ଅବଧି ୨୧ ଦିନରୁ ୨୫ ଦିନକୁ ବୃଦ୍ଧି କରିବା ପରେ ଲୋକମାନଙ୍କ ମଧ୍ୟରେ ଏଲ୍‌ପିଜି ସିଲିଣ୍ଡର ଉପଲବ୍ଧତାକୁ ନେଇ ଭାଳେଣି ପଡ଼ିଯାଇଛିଙ୍ଗ ବ୍ରହ୍ମଗିରି ଅଞ୍ଚଳରେ ଏମିତିକି ସୋମବାର ଠାରୁ ପ୍ରତ୍ୟହ ସକାଳୁ ଗ୍ୟାସ୍ ଏଜେନ୍ସିଗୁଡ଼ିକ ଆଗରେ ଗ୍ରାହକଙ୍କ ଲମ୍ବା ରାଇନ ଦେଖିବାକୁ ମିଳିଛି। ଗ୍ୟାସ୍ ଅଭାବ ଯୋଗୁ ବ୍ରହ୍ମଗିରିରେ କେତେକ ଛୋଟ ଛୋଟ ରେସ୍ତୋରାଁ ଏବଂ ହୋଟେଲ୍ ବନ୍ଦ ହେବାକୁ ବସିଲାଣି। ଏଠାରେ ସୂଚନାଯୋଗ୍ୟ ଯେ, ନିକଟରେ କେନ୍ଦ୍ର ସରକାର ଘରୋଇ ଏଲ୍‌ପିଜି ସିଲିଣ୍ଡର ପିଛା ମୂଲ୍ୟ ୬୦ ଟଙ୍କା ବୃଦ୍ଧି ଯୋଗୁଁ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଲାଗୁ ହେବା ପରେ ୪ଟି ବର୍ଗରେ ଗ୍ୟାସ୍ ଆବଣ୍ଟନ ହେବା ପାଇଁ ପଦକ୍ଷେପ ନେଇଥିଲେ। ଏହାର ପ୍ରଥମ ବର୍ଗରେ ଘରକୁ ରନ୍ଧନ ଗ୍ୟାସ୍ ଉପରୋକ୍ତା ଆଗ ଦିଆଯିବା କଥା। ତାହା ସରକାରଙ୍କ କଥା ପାଣିର ଗାର ହୋଇ ରହିଗଲା। ଏପରି କି ଗ୍ରାହକଙ୍କୁ ପୂର୍ବ ପରି ସମ୍ପୂର୍ଣ୍ଣ ଗ୍ୟାସ ଯୋଗାଣ ହୋଇପାରୁନାହିଁ। ସେପଟେ କିଛି ଅସାଧୁ ବେପାରୀ ବିଭିନ୍ନ ଉପଭୋକ୍ତା ନାମରେ ବୁକିଂ କରି ନେଉଛନ୍ତି। ସେହି ଗ୍ୟାସ ସେମାନେ ବଜାରରେ ଚୋରା ବ୍ୟବସାୟୀ କରି ମୋଟା ଆକାରରେ ଅର୍ଥ ଉପାର୍ଜନ କରିବାରେ ଲାଗିପଡିଛି। ଜିଲ୍ଲା ଯୋଗାଣ ବିଭାଗ ତରଫରୁ କୌଣସି ପଦେକ୍ଷପ ନିଆଯାଉନାହିଁ। ଆଜି ଦିନସାରା ଡ଼ହ ଡହ ଖରାରେ ଶହ ଶହ ଲୋକମାନେ ଦୀର୍ଘ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ବାଧ ହେଉଛନ୍ତି। ଏ ସମ୍ବନ୍ଧରେ ବ୍ରହ୍ମଗିରି ଯୋଗାଣ ଅଧିକାରୀଙ୍କୁ ପଚାରିବାରୁ ସେ କୁହନ୍ତି ଏଲ୍‌ପିଜି ଗ୍ୟାସ ସିଲିଣ୍ଡର ଅଭାବ ନାହିଁ। ହେଲେ ଲୋକମାନେ ଆଗକୁ ଗ୍ୟାସ ଅଭାବ ଦେଖାଦେଇବ ବୋଲି ଭାବି ଗ୍ୟାସ ନେବାପାଇଁ ପ୍ରବଳ ହଟ୍ଟଗୋଳ କରିବା ସହିତ ଏକାଠି ଏକଜୁଟ ହେଉଛନ୍ତି ଫଳରେ ଗ୍ୟାସ ଏଜେନ୍ସି ଗ୍ୟାସ ଯୋଗାଇବାରେ ବିଫଳ ହେଉଛନ୍ତି। ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀଙ୍କ ସହିତ ଯୋଗାଯୋଗ କରି ଏହାର ସମାଧାନ କରିବୁ।

# ଶୋଷଣର ଶିକାର ହେଉଛନ୍ତି ଏଲ୍‌ପିଜି ଉପଭୋକ୍ତା

ସାକ୍ଷୀଗୋପାଳ,୧୩।୩(ସମିସ): ସତ୍ୟବାଦୀରେ କଳା ବଜାରୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ରୋଷେଇ ଘରଠାରୁ ରାସ୍ତାଘାଟ ଯାଏଁ ସବୁଠି ଏବେ ଗ୍ୟାସ ଅଭାବ ନେଇ ଚର୍ଚ୍ଚା ହେଉଛି। ଫଳରେ ଅସାଧୁ ବେପାରୀ ସକ୍ରିୟ ହୋଇ କୃତ୍ରିମ ଅଭାବ ସୃଷ୍ଟି କରୁଛନ୍ତି। ଏହି ସମୟରେ ସରକାର ଓ ଯୋଗାଣ ବିଭାଗ ତରଫରୁ ଯେଉଁଳି ରୋଡ଼ ମ୍ୟାପ ରହିବା କଥା ତାହା ରହୁ ନ ଥିବା ଯୋଗୁଁ ସହର ବଜାରରେ ଲୋକମାନେ ବିଭିନ୍ନ ସମଗ୍ରୀ କିଣିବା ବେଳେ ଆର୍ଥିକ ଶୋଷଣର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଏଥିଯୋଗୁଁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଛି। ଯୁଦ୍ଧର ନା ନେଇ ଅନେକ କଳାବଜାରୀ ବ୍ୟବସାୟୀ ଯେଉଁଳି ଉପଭୋକ୍ତାଙ୍କୁ ମନ ଇଚ୍ଛା ଠକିବା ଆରମ୍ଭ କଲେଣି। ସେମାନଙ୍କ ଉପରେ ଚଢ଼ାଉ ଓ କାର୍ଯ୍ୟାନୁଷ୍ଠାନ ବଦଳରେ ସରକାର ଏହି ସଙ୍କଟ ସମୟରେ ସେମାନଙ୍କୁ ଏଭଳି କରିବା ପାଇଁ ପ୍ରୋତ୍ସାହନ ଦେଉଛନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସେହିପରି ଏଠାରେ ଅନେକ ବ୍ୟବସାୟୀ ଯୁଦ୍ଧ ଲାଗିବା ପୂର୍ବରୁ ପ୍ରଚୁର ପରିମାଣରେ ମହଜୁଦ କରି ରଖିଥିବା ସାମଗ୍ରୀ ଗୁଡ଼ିକର ମୂଲ୍ୟ ବୃଦ୍ଧି କରି ଉପଭୋକ୍ତାଙ୍କୁ ଆର୍ଥିକ ଶୋଷଣ କରିବା ଦୁର୍ଭାଗ୍ୟ ଜନକ। ତେଣୁ ପ୍ରଶାସନ ତରଫରୁ ଅଞ୍ଚଳରେ ଥିବା ପ୍ରତେକ ଡିଲର ପଏଣ୍ଟକୁ ତଦାରଖ କରି ସେମାନଙ୍କ ଷ୍ଟକ ଓ ବ୍ୟବସାୟର ବର୍ତ୍ତମାନର ଷ୍ଟାଟସ ପରଖିବା ସହିତ ସୂଚନା ଫଳକ ମାଧ୍ୟମରେ ସୂଚନା ପ୍ରଦାନ କରିବା ଆବଶ୍ୟକ ବୋଲି ଉପଭୋକ୍ତା ମାନେ ଦାବି କରିଛନ୍ତି।

# କାକଟପୁର ଦୋଳ ମହୋତ୍ସବ ଉଦ୍‌ଯାପିତ




କୁଣ୍ଢେଇ,୧୩।୩ (ସମିସ): ଉତ୍କଳୀୟ ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ପୌରାଣିକ ଗାଥାର ପରିଚୟ ବହନ କରେ ଦୋଳ ଯାତ୍ରା। ପୁରୀ ଜିଲ୍ଲା କାକଟପୁରସ୍ଥିତ ମୂଳାଗଡ଼ ଗୋଠ ପଡ଼ିଆ ଠାରେ ଗତ ୩ ଦିନ ବ୍ୟାପୀ ଚାଲିଥିବା ଦୋଳ ମହୋତ୍ସବ -୨୦୨୬ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ ଅଭ୍ୟର୍ଥନା କମିଟିର ସଭ୍ୟ ତଥା ଜଗତସିଂହପୁର ସାଂସଦଙ୍କ ପୁରୀ ଜିଲ୍ଲା ପ୍ରତିନିଧି ସୁଦର୍ଶନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଉକ୍ତ ଉଦ୍‌ଯାପନୀ ସନ୍ଧ୍ୟାର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ ଦେଇଥିଲେ। ସେ କହିଥିଲେ ଯେ କରୁଣାମୟୀ ମା' ମଙ୍ଗଳାଙ୍କ ପବିତ୍ର ଓ ଆଧ୍ୟାତ୍ମିକ ମାଟି କାକଟପୁରର ଦୋଳ ମହୋତ୍ସବ ଆମ ଭକ୍ତି, ସଂସ୍କୃତି ଓ ପରମ୍ପରାର ମିଳନର ଉତ୍ସବ। ସ୍ଥାନୀୟ କଳାକାରଙ୍କ ଦ୍ୱାରା ବାଡ଼ିଖେଳ ପ୍ରଦର୍ଶନ ଏହି ପରମ୍ପରାର ବଡ଼ ଉଦାହରଣ ବୋଲି ମତବ୍ୟକ୍ତ କରିବା ସହିତ ସମୁଦ୍ରର କରାଳ ରୂପ ଓ ବାତ୍ୟାର ପ୍ରକୋପ ସହୁଥିବା ଅସ୍ତରଙ୍ଗ ଅଞ୍ଚଳ ଆଗାମୀ ଦିନରେ ସାହସିକ କ୍ରୀଡ଼ାର ହବ୍ ହେବାକୁ ଯାଉଛି ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ପୂର୍ବତନ ରାଜ୍ୟ ଉପସଭାପତି ତଥା ବରିଷ୍ଠ ବିଜେପି ନେତା ଗୋଲକ ଚନ୍ଦ୍ର ମହାପାତ୍ର, ମହୋତ୍ସବ କମିଟି ସଭାପତି ପ୍ରଶାନ୍ତ ଭୋଳ, ସମ୍ପାଦକ ସରୋଜ ସାମଲ, କୋଷାଧ୍ୟକ୍ଷ କୈଳାସ ନାୟକ, ଅଭ୍ୟର୍ଥନା କମିଟି ସମ୍ପାଦକ ପ୍ରତାପ ପରିଡ଼ା, ସମାଜସେବୀ ନିମାପଡ଼ା ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, କାକଟପୁର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ସମାଜସେବୀ ତଥା ଶିଳ୍ପପତି ସୁବାସ ଚନ୍ଦ୍ର ମହାନ୍ତି, ସମାଜସେବୀ ଦେବବ୍ରତ ନାୟକ, ରଶ୍ମୀରଞ୍ଜନ ବିଶ୍ୱାଳ, କାକଟପୁର ବ୍ଲକ୍ ଅଧ୍ୟକ୍ଷ ଶ୍ରୀଧର ନାୟକ, ବୈଜ୍ଞାନିକ ତଥା ସମାଜସେବୀ ଶଙ୍କର ପ୍ରସାଦ ଜେନା ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ଦୋଳ ମହୋତ୍ସବକୁ ଆହୁରି ଉଚ୍ଚକୋଟୀର କରାଯିବା ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ। ଶେଷରେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ସୁହାଣପୁର ଯାଦବ ସଙ୍ଘ ପକ୍ଷରୁ ବାଡ଼ିଖେଳ ଏବଂ ଓଡ଼ିଶାର ସୁପ୍ରସିଦ୍ଧ ଗାୟିକା ଅନୁରାଧା ପାଣିଗ୍ରାହୀଙ୍କ ସଂଗୀତର ତାଳେ ତାଳେ ହଜାର ହଜାର ଦର୍ଶକ ବେଶ ବିମୋହିତ ହୋଇଥିଲେ।

# କଣାସରେ ଜାଳେଣି ଗ୍ୟାସ ଅଭାବ



କଣାସ,୧୩।୩(ସମିସ): କଣାସରେ ଘରୋଇ ଗ୍ୟାସ ସିଲିଣ୍ଡର ଅଭାବ ଦେଖାଦେଇଛି। ଯାହାକୁ ନେଇ ଉପଭୋକ୍ତାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି କିଛି ଗ୍ରାହକ ୭ଦିନ ଧରି ଡିପୋକୁ ଦୌଡ଼ୁଥିଲେ ହେଁ ସିଲିଣ୍ଡର ପାଇବାରେ ନିରାଶ ହେଉଛନ୍ତି। ଏ ସମ୍ପର୍କରେ କଣାସ ବଜାରରେ ଥିବା ଭାରତ ଗ୍ୟାସ ଡିଲର ସୁରେନ୍ଦ୍ର ଚମ୍ପତିଙ୍କୁ ପଚାରିବାରୁ ସେ କୁହନ୍ତି ଗ୍ୟାସର କିଛି ଅଭାବ ନାହିଁ। ଲୋକମାନଙ୍କ ସଚେତନତା ଅଭାବରୁ ପ୍ରତିଦିନ ହଜାର ହଜାର ଲୋକ ଗ୍ୟାସ ପାଇଁ ଆସୁଛନ୍ତି। ପ୍ରତ୍ୟେକ ଦିନ ଜଟଣୀ ଗ୍ୟାସ ଡିପୋରୁ ଗୋଟିଏ ଗୋଟିଏ ଟ୍ରକ ଗ୍ୟାସ ଆସୁଛି, କିନ୍ତୁ ଗୋଟିଏ ଗୋଟିଏ ପରିବାର ୨ରୁ ୪ଟି ଲେଖାଏଁ ଗ୍ୟାସ ସିଲିଣ୍ଡର ବାପା, ମା, ପୁଅ ନାମରେ କରି ରଖିଛନ୍ତି। ଯୁଦ୍ଧ ପାଇଁ ସେମାନେ ବ୍ୟାକୁଳ ହୋଇ ପ୍ରତିଦିନ ସିଲିଣ୍ଡର ଧରି ଡିପୋକୁ ଯାଉଥିବାରୁ ଡିପୋ ଜାମ ରହୁଛି। ଅନେକ ପରିବାର ଅଧିକ ସିଲିଣ୍ଡର ନେଉଥିବାରୁ ଜଳଖିଆ ଦୋକାନୀ ଓ ହୋଟେଲଙ୍କୁ ଚଢ଼ା ଦରରେ ବିକ୍ରି କରୁଛନ୍ତି। ଏପରିକି ଗୋଟିଏ ପରିବାର ଦୁଇ ତିନି ମାସରେ ଗୋଟିଏ ଲେଖାଏଁ ଗ୍ୟାସ ସିଲିଣ୍ଡର ନେଉଥିବା ବେଳେ ଉକ୍ତ ପରିବାର ବର୍ତ୍ତମାନ ୩ ତିନିଟା ଗ୍ୟାସ ସିଲିଣ୍ଡର ନେଉଛନ୍ତି। ଫଳରେ ଗ୍ୟାସ୍‌ର କୃତ୍ରିମ ଅଭାବ ସୃଷ୍ଟି ହେଉଥିବା ଲୋକେ ଅଭିଯୋଗ କରୁଛନ୍ତି।

# ଖଣ୍ଡାଖାଇ ଠାକୁରାଣୀଙ୍କ ମନ୍ଦିରରୁ ଚୋରି



କୁଣ୍ଢେଇ,୧୩।୩(ସମିସ): ଦିନକୁଦିନ କାକଟପୁର ଅଞ୍ଚଳରେ ଥିବା ମନ୍ଦିର ଏବଂ ଏକୁଟିଆ ଘର ମାନଙ୍କରୁ ଚୋରି ହେବାରେ ଲାଗିଛି। ଗତ ବୁଧବାର ରାତିରେ କାକଟପୁର ଥାନା ଅନ୍ତର୍ଗତ ଧୁରୁଜଙ୍ଗ ଗ୍ରାମର ଖଣ୍ଡା ଖାଇ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ଏଥିସହ ଠାକୁରାଣୀଙ୍କ ସୁନା ରୁପା ଗହଣା ସହିତ ଠାକୁରାଣୀଙ୍କ କଂସା ପିତଳ ବାସନ ଚୋରି ହୋଇଛି। ଶୁକ୍ରବାର ସକାଳୁ ଠାକୁରାଣୀଙ୍କ ପୂଜାପଣ୍ଡା ଠାକୁରାଣୀଙ୍କୁ ପୂଜା କରିବାକୁ ମନ୍ଦିରକୁ ଆସି ଦେଖିଥିଲେ ଯେ ମନ୍ଦିରର ମୁଖ୍ୟ ଦ୍ୱାର ତାରା ଭଙ୍ଗାଯାଇଛି। ତାପରେ ଗ୍ରାମବାସୀଙ୍କୁ ଡାକି ମନ୍ଦିର ଭିତରକୁ ଯାଇ ଠାକୁରାଣୀଙ୍କ ରୁପା ମୁକୁଟ, ସୁନାର ମଙ୍ଗଳସୂତ୍ର, ସୁନା ଚକ୍ଷୁ, ସୁନା ଚିତା ସହିତ କଂସା, ପିତଳର ବହୁ ବାସନକୁସନ ଲୁଟ୍ ହୋଇ ଯାଇଛି। ଏ ନେଇ ଧୁରୁଜଙ୍ଗ ଗ୍ରାମବାସୀଙ୍କ ତରଫରୁ କାକଟପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏହି କିଛି ମାସ ଭିତରେ ୪/୫ ଟି ମନ୍ଦିରରୁ ଚୋରି ହେଲାଣି। ହରିନବାବି ଗ୍ରାମ ମନ୍ଦିର, ବାଉରୀଆକଣ ଗ୍ରାମ ମନ୍ଦିର ସହିତ ଏକୁଟିଆ ଘର ଦେଖି ଦିନକୁଦିନ ଚୋରି, ଲୁଟ୍ ବଢ଼ିଚାଲିଥିବା ବେଳେ କାକଟପୁର ପୁଲିସ ପାଇଁ ଚିନ୍ତା ବଢ଼ିଛି। ଲୁଟେରାମାନେ ପୁଲିସକୁ ଏଭଳି ଖୋଲା ଚ୍ୟାଲେଞ୍ଜ ଦେଇ ବାରମ୍ବାର ଚୋରି କରୁଥିଲେ ହେଁ ପୁଲିସ ସେମାନଙ୍କୁ ଧରିବାରେ ତତ୍ପରତା ଦେଖାଉନଥିବା ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଛି। ଏହି ଅଞ୍ଚଳରେ ଧଳାଜହର କାରବାର ବଢ଼ିଚାଲିଥିବାବେଳେ ଏହାକୁ ମଧ୍ୟ ନିୟନ୍ତ୍ରଣ କରିବାରେ ପୁଲିସ ବିଫଳ ହୋଇଛି। ଯାହା ଫଳରେ ଏହି ଅଞ୍ଚଳରେ ଚୋରି, ଡକାୟତି ଆଦି ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଦ୍ୱିତୀୟରେ ବାହାରୁ ଆସି ରହୁଥିବା ଫେରିବାଲା, ବାହାର ମିସ୍ତ୍ରୀ ଏଭଳି ଅପରାଧିକ କାର୍ଯ୍ୟକଳାପରେ ସାମିଲ୍ ହେଉଥିବା ଦେଖିବାକୁ ମିଳୁଛି। ତୁରନ୍ତ ପୁଲିସ ଏ ଦିଗରେ ତତ୍ପରତା ପ୍ରକାଶ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ଶୁକଳ ମେଳଣ ଆରମ୍ଭ

ସାକ୍ଷୀଗୋପାଳ,୧୩।୩(ସମିସ): ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ଶୁକଳଠାରେ ପ୍ରତିବର୍ଷ ଭଳି ଦୋଳ ମେଳଣ ଆରମ୍ଭ ହୋଇଛି। ଗତକାଲି ମେଳର ଜମାଣ ହୋଇଥିବାବେଳେ ଆଜି ମେଳଣ ଆରମ୍ଭ ହୋଇଛି। ଶୁକଳର ପ୍ରତ୍ୟକ୍ଷ ଠାକୁର ଶ୍ରୀଶ୍ରୀ ତୃତୀୟା ଦେବ ଥାନପତି ଭାବେ ବିରାଜମାନ କରିଥିବାବେଳେ ଆଖପାଖ ଗ୍ରାମଗୁଡ଼ିକରୁ ଠାକୁରଙ୍କ ଦୋଳ ବିମାନ ବାଜା, ବାଣ ରୋଶଣିରେ ଆସି ମେଳଣ ପଡ଼ିଆରେ ପହଞ୍ଚି ଖୁଣ୍ଟିଲାଗି ହୋଇଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବାବେଳେ ୪ ଦିନ ଧରି ଯାତ୍ରା ପରିବେଷଣ କରାଯିବ।

# କଣାସ ଅଞ୍ଚଳରେ ଉତ୍କଟ ପାନୀୟଜଳ ସମସ୍ୟା

କଣାସ,୧୩।୩(ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷସାରା ୨୮ ଟି ଗ୍ରାମପଞ୍ଚାୟତର ୧୩୯ଟି ରାଜସ୍ୱ ଗ୍ରାମ ୧୦୮ ଟି ପଡ଼ାଗ୍ରାମରେ ବର୍ଷସାରା ପାନୀୟ ଜଳ ସମସ୍ୟା ଲାଗି ରହେ। ଯାହାକି ରୌଦ୍ର ତାପ ସମୟରେ ଜିଲ୍ଲା ଏବଂ ବ୍ଲକ୍ ପ୍ରଶାସନର ମୁଣ୍ଡବିନ୍ଧାର କାରଣ ହୋଇପଡ଼େ। ଚଳିତ ବର୍ଷ ରୌଦ୍ର ତାପ ଆରମ୍ଭରୁ ଭୂତଳ ଜଳ କମିଯାଇଥିବାରୁ ଅଧିକାଂଶ ନଳକୂଅ ଓ ଗଭୀର କୂଅରୁ କାଦୁଅ ବାଲି ମିଶ୍ରିତ ଜଳ ବାହାରୁଥିବାରୁ ତାହା ପାନୀୟ ଅନୁପଯୋଗୀ ହୋଇପଡ଼ିଛି। ଫଳରେ କେତେକ ଗ୍ରାମରେ ଝାଡ଼ାବାନ୍ତି ଓ ଜଣ୍ଡିସ୍ ରୋଗ ବ୍ୟାପିବାରେ ଲାଗିଛି। ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ସରପଞ୍ଚମାନେ ଟ୍ୟାଙ୍କର ଯୋଗେ ଜଳ ଯୋଗାଉଛନ୍ତି। ଯାହାକି ସମୁଦ୍ରକୁ ଶଙ୍ଖେ। ଦୟା, ରାଜୁଆ, ମକରା ନଦୀର ଜଳ ଭୁବନେଶ୍ୱର ଗଙ୍ଗୁଆ ନାଳର ଜଳ ଦ୍ୱାରା ବିଷାକ୍ତ ହୋଇପଡ଼ିଥିବା ବେଳେ ଉକ୍ତ ଜଳକୁ ପାଇପ୍ ଜଳ ପ୍ରକଳ୍ପ ଦ୍ୱାରା ଟ୍ୟାଙ୍କରରେ ପଠାଯାଉଛି। ପାଇପ୍ ଜଳ ପ୍ରକଳ୍ପରେ ଥିବା ଫିଲ୍‌ଟରଗୁଡ଼ିକ କାର୍ଯ୍ୟ କରୁ ନ ଥିବାରୁ ସେଇ ଦୂଷିତ ନଦୀ ଜଳ ଲୋକମାନଙ୍କ ପାଖରେ ପହଞ୍ଚିବାରୁ ଲୋକମାନେ ଏହାକୁ ପାନୀୟ ରୂପେ ବ୍ୟବହାର କରୁ ନ ଥିବା ଦେଖିବାକୁ ମିଳିଛି। ଯାହା ଦ୍ୱାରା କି ପାନୀୟ ଜଳ ସମସ୍ୟା ଉତ୍କଟ ହୋଇପଡ଼ିଛି। ଅନେକ ଗ୍ରାମବାସୀ ନିଜ ନିଜ ଗ୍ରାମରେ ଥିବା ପୋଖରୀର ଜଳକୁ ଆଣି ପାନୀୟ ରୂପେ ବ୍ୟବହାର କରୁଛନ୍ତି। ପାନୀୟ ଜଳ ସମସ୍ୟା ସମାଧାନ ପାଇଁ ୨୦୧୮ ରେ କଣାସ ବ୍ଲକ୍‌ର ଚୁପୁରିଙ୍ଗିଠାରେ ମେଗା ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନାହିଁ।

# ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ,୧୩।୩(ସମିସ):

ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ସିଆଣ୍ଡି ପଞ୍ଚାୟତ ଓରାଠାରେ ଅବସ୍ଥିତ ସାନସୀମା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜ କିଶୋର ତରେଇଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଅତିଥିମାନଙ୍କୁ ପାଛୋଟି ନେଇ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପ୍ରଧାନଶିକ୍ଷକ ଶଙ୍କର୍ଷଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଏବିଇଓ ସିଦ୍ଧେଶ୍ୱର କରଣ, ରାଜ୍ୟ ବିଜେପି କୋର୍ଡିନେଟର ଦୁଷ୍ମନ୍ତ ନାୟକ, ସିଆଣ୍ଡି ପଞ୍ଚାୟତ ସରପଞ୍ଚ ଆଦିତ୍ୟ ରଞ୍ଜନ ପଲେଇ, ମୁଖ୍ୟବକ୍ତା ଭାବେ 'ଓଷ୍ଟା' ସଭାପତି କାଶୀନାଥ ଜେନା, ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମୋଚିରାମ ନାୟକ, ଅବସରପ୍ରାପ୍ତ ଶିକ୍ଷକ ବିପ୍ରବର ତରେଇ, ନାରାୟଣ ବିଦ୍ୟାପୀଠର ପ୍ରଧାନଶିକ୍ଷକ ପ୍ରବିର କୁମାର ଜେନା, ପୁରୀ ପୁଲିସ ସ୍କୁଲର ପ୍ରଧାନଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ଜେନାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ପ୍ରଭାତ ବାରିକି ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ବିଚିତ୍ରାନନ୍ଦ ତରେଇ ଧନ୍ୟବାଦ ଅର୍ପଣ କରିଥିଲେ। ମୋ ସ୍କୁଲ ପରିଚାଳନା କମିଟି ସଭାପତି ଅଧ୍ୟାପକ ମଧୁସୂଦନ ସାହୁ, ମୋ ସ୍କୁଲ ଉପଦେଷ୍ଟା ସଭ୍ୟ ରମେଶ ଚନ୍ଦ୍ର ତରେଇ, ପ୍ରବଚକ ବାବୁଲା ନାୟକ, ନଗେନ୍ଦ୍ର କୁମାର ଜଗଦ୍ଦେବ ନାୟକ, ସମିତିସଭ୍ୟ ଲଳିତ କୁମାର ତରେଇ ପ୍ରମୁଖ ସହଯୋଗ କରିଥିଲେ। ବିଦାୟୀ ପ୍ରଧାନଶିକ୍ଷକଙ୍କୁ ମାନପତ୍ର ସହିତ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପରେ ଏକ ଶୋଭାଯାତ୍ରାରେ ଆଖପାଖ ଗାଁ ପରିକ୍ରମା କରାଇ ତାଙ୍କୁ ତାଙ୍କ ନିଜ ବାସଭବନରେ ଛାଡ଼ି ଦିଆଯାଇଥିଲା।

# ପ୍ରଚଣ୍ଡ ଖରା; ମେଡିକାଲ ଛକ ନଳକୂଅ ଅଚଳ

ଚାରିଛକ,୧୩।୩(ସମିସ): ଗ୍ରୀଷ୍ମଋତୁ ହୋଇଯାଇଥିବା ବେଳେ ପ୍ରଚଣ୍ଡ ଖରାରେ ଲୋକମାନେ ପାଣି ଟୋପେ ପାଇଁ ଆଉଟୁପାଉଟୁ ହେଉଛନ୍ତି। ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ପାଇଁ ପ୍ରଶାସନ ତରଫରୁ ବାରମ୍ବାର ବୈଠକ କରି ଅଧିକାରୀଙ୍କୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଫଳ ଶୂନ୍। ଗତ ବର୍ଷେ ତଳେ ଚାରିଛକ ମେଡିକାଲ ଛକଠାରେ ୮୫ ହଜାର ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ନଳକୂଅଟି ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଥିଲେ ସୁଦ୍ଧା ପ୍ରଶାସନର ନିଘା ନାହିଁ। ଏଠାରେ ୫୦ରୁ ଉର୍ଦ୍ଧ୍ୱ ଛୋଟ ବଡ଼ ବ୍ୟାବସାୟିକ ପ୍ରତିଷ୍ଠାନ ରହିଥିଲେ ହେଁ ବ୍ୟବସାୟୀମାନେ ପାଣି ଟୋପେ ପାଇଁ ବାରଦୁଆର ହେଉଥିବା ପରିଲକ୍ଷିତ ହେଉଛି। ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବା ରୋଗୀମାନେ ପାଣି ଟୋପେ ପାଇଁ ନାନା ପ୍ରକାର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଗଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ୮୫ ହଜାର ଟଙ୍କା ବ୍ୟୟରେ ନିର୍ମିତ ଏହି ନଳକୂଅଟି କାହା ସ୍ୱାର୍ଥରେ ବୋଲି ଏଠାରେ ମୁଖ୍ୟ ଆଲୋଚନାର ବିଷୟବସ୍ତୁ ପାଲଟିଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ପ୍ରବୀର କୁମାର ବଳଙ୍କୁ ପଚାରିବାରେ ସେ ନଳକୂଅ ସମ୍ପର୍କରେ ସେ ଅବଗତ ଅଛନ୍ତି। ଯଥାଶୀଘ୍ର କାମ କରାଯିବ ବୋଲି କହିଛନ୍ତି।

କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

# ଫାଟକ ସାମ୍ନା ପାଲଟିଛି ମରଣଯନ୍ତା

କଣାସ,୧୩।୩(ସମିସ):

କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଅଧିକ ଗୁରୁତ୍ୱ ଦେଇ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକର କଣାସ ଠାରେ ଅବସ୍ଥାପିତ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଫାଟକ ଚଟାଣରେ ଲାଗିଥିବା ଲୁହା ପାଇପ ଗୁଡିକ କଳଙ୍କ ଲାଗି ବଡ ବଡ଼ ମେଲା ହୋଇଥିବାରୁ ରୋଗୀ ଓ ରୋଗୀ ସମ୍ପର୍କୀୟ ମାନେ ଡାକ୍ତରଖାନାକୁ ଯିବା ସମୟରେ ପାଦ କଳଙ୍କି ପାଇପ ଭିତରେ ପଶି ଯାଇ ଅନେକ ଛୋଟପିଲା ଓ ବଡ ଲୋକ ଆହତ ହେଉଛନ୍ତି। ଏ ସମ୍ପର୍କରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ବିବେକ ଅନୁରାଗଙ୍କୁ ପଚାରିବାରୁ ସେ କୁହନ୍ତି ଖରାପ ହୋଇ ଯାଇଥିବା ପାଇପ୍ ଗୁଡ଼ିକୁ ମରାମତି କରିବା ପାଇଁ ମୁଁ ବାରମ୍ବାର ମିସ୍ତ୍ରୀଙ୍କୁ କହିଲାଣି, ସେ କରୁନାହାନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବ।

# ବିଦ୍ୟାଳୟରେ ଶିକ୍ଷକ ଅଭାବ, ପାଠପଢ଼ା ବାଧାପ୍ରାପ୍ତ



ନୟାହାଟ,୧୩।୩(ସମିସ): ନୟାହାଟ ନିକଟସ୍ତ ବୀରତୁଙ୍ଗ ପଞ୍ଚାୟତର ମନାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୮୦ରୁ ଉର୍ଦ୍ଧ୍ୱ ପିଲା ପଢୁଥିବା ବେଳେ ଆବଶ୍ୟକ ଶିକ୍ଷକ ନଥିବାରୁ ଶିକ୍ଷାଦାନରେ ବାଧାପ୍ରାପ୍ତ ହୋଇଥିବା ପୂର୍ବତନ ସରପଞ୍ଚ ଶିବିର ପରିଡ଼ା ପ୍ରକାଶ କରିଛନ୍ତି। ସରକାରୀ ନିୟମ ହିସାବରେ ପ୍ରତି ୩୦ଜଣ ପିଲାରେ ଜଣେ ଶିକ୍ଷକ ରହିବା କଥା। ହେଲେ ଏଠାରେ ମାତ୍ର ୨ଜଣ ଶିକ୍ଷକ ଥିବାରୁ ତୃତୀୟ ଶିକ୍ଷକ ଭାବେ ନିରଞ୍ଜନ ସ୍ୱାଇଁଙ୍କୁ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ୪ମାସ ବିତିଯାଇଥିଲେ ମଧ୍ୟ ତାଙ୍କ ସ୍ଥାନରେ ଅନ୍ୟ ଜଣେ ଶିକ୍ଷକ ଏ ପର୍ଯ୍ୟନ୍ତ ଆସିପାରିଲେ ନାହିଁ। ଏହାଦ୍ୱାରା ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଯାହାଫଳରେ ଅଭିବାହକ ଅସନ୍ତୋଷ ଜାହିର କରିଛନ୍ତି। ଏ ଦିଗରେ ଗୋପ ବ୍ଲକ୍ ଶିକ୍ଷାଧିକାରିଣୀ ଦୃଷ୍ଟି ଦେବାକୁ ଶ୍ରୀ ପରିଡ଼ା ଦାବି କରିଛନ୍ତି।

# ନକଲି ଔଷଧର କାରବାର ଅଭିଯୋଗ

ନୂଆପାଳମ ହାଟ,୧୩।୩(ସମିସ): ନୂଆପଲମ ହାଟଠାରୁ ଏକ କିମି ଦୂର କୃଷ୍ଣପ୍ରସାଦ ଛକ ଠାରେ ଏକ ସରକାରୀ ଡାକ୍ତରଖାନା ଥିବା ବେଳେ ତା' ନିକଟରେ କେତେକ ଔଷଧ ଦୋକାନରେ ନିମ୍ନମାନର ଔଷଧ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ବିନା ଲାଇସେନ୍ସରେ ଚାଲୁଥିବା କିଛି ଔଷଧ ଦୋକାନରେ ଏଭଳି ନିମ୍ନମାନର ଓ ନକଲି ଔଷଧ ବିକ୍ରି ହେଉଥିବା ମଧ୍ୟ ଜଣାପଡ଼ିଛି। ପାସ କରିନଥିବା ବେଳେ ଅନ୍ୟ ଲୋକ ସାର୍ଟିଫିକେଟ୍‌ରେ ଔଷଧ ଦୋକାନ କରି ନକଲି ଔଷଧ ଓ ସମୟସୀମା ଚାଲିଯାଇଥିବା ଔଷଧ ବିକ୍ରି କରୁଥିବା ଅଭିଯୋଗ ହୁଏ। ନିଶାଯୁକ୍ତ ଔଷଧ ବିକ୍ରି ପାଇଁ ନିଷେଧ ଥିଲାବେଳେ ଏଗୁଡ଼ିକ ଅବାଧରେ କୃଷ୍ଣପ୍ରସାଦ ଛକରେ ବିକ୍ରି ହେଉଛି। ଅସାଧୁ ଦୋକାନୀ ମାନେ ଲାଭବାନ ହେଉଥିବା ବେଳେ ସାଧାରଣ ଗରିବ ଲୋକମାନେ ଶୋଷଣର ଶିକାର ହେଉଛନ୍ତି।

# ବେଆଇନ କରତକଳକୁ ବିଦ୍ୟୁତ୍ ସଂଯୋଗ; ବିଭାଗ ଜାଣି ଅଜଣା



ଅସ୍ତରଙ୍ଗ,୧୩।୩(ସମିସ):

ଅସ୍ତରଙ୍ଗ-କାକଟପୁର ଅଞ୍ଚଳରେ ମାଳମାଳ କରତ କଳ ଚାଲୁଥିଲେ ବି ପ୍ରଶାସନର ଏଥିପ୍ରତି ଅଙ୍କୁଶ ନାହିଁ। ବାରମ୍ବାର ଏ ନେଇ ଅଭିଯୋଗ ହେଲେ ବି ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଏଭଳି ବେଆଇନ କରତକଳକୁ କିପରି ବିଦ୍ୟୁତ୍ ବିଭାଗ ସଂଯୋଗ ଦେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି କରତକଳ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ ଦ୍ୱାରା ଚାଲୁଥିବାବେଳେ ଏହାକୁ କେଉଁ ଉଦ୍ଦେଶ୍ୟରେ ସଂଯୋଗ ଦିଆଯାଇଛି ତାହା ତଦନ୍ତସାପେକ୍ଷ ବୋଲି ବୁଦ୍ଧିଜୀବୀମାନେ କୁହନ୍ତି। କରତକଳ ଚାଲିବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ବହୁ ଗଛ କଟା ହେଉଛି। ବେଆଇନ ଭାବେ ଭିନ୍ନ ଭିନ୍ନ ଜଙ୍ଗଲରୁ ଗଛ ଗଣ୍ଡି ଆସୁଛି, କରତ କଳକୁ ଯୋଗାଇ ଦିଆଯାଉଛି। ଗୋଟେ ପଟେ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହେଉଥିବାବେଳେ ଏଭଳି ଗଛକଟା ପରିବେଶ ଉପରେ ପ୍ରଭାବ ପକାଉଛି। ଗ୍ରୀଷ୍ମ ପ୍ରବାହ ସମୟରେ କୌଣସି ପ୍ରକାର ବିଦ୍ୟୁତ ସେବାରୁ ଉପଭୋକ୍ତାଙ୍କୁ ବଞ୍ଚିତ କରାନଯିବାକୁ ଘୋଷଣା କରାଯାଉଥିଲେ ହେଁ ଅଘୋଷିତ ବିଦ୍ୟୁତ୍‌କାଟ ଲୋକଙ୍କୁ ଅତିଷ୍ଠ କରୁଛି। ଏପରି ସ୍ଥିତିରେ ଲୋକେ କଲବଲ ହେଉଥିବା ବେଳେ ଅନ୍ୟ ପଟେ ବିଦ୍ୟୁତ ବିଭାଗ କହୁଛି ମରାମତି କାରଣରୁ ବିଦ୍ୟୁତ ରହୁନି। ତା ହେଲେ ମାଳ ମାଳ କରତକଳ, ଇଟା ଭାଟି, ଚିଙ୍ଗୁଡ଼ି ଘେରିକୁ ଯେଉଁ ବିଦ୍ୟୁତ ସଂଯୋଗ ଦିଆଯାଇଛି ସେ ନେଇ ତଦନ୍ତ ହେବା ଆବଶ୍ୟକ ବୋଲି କୁହାଯାଉଛି। ବନ ବିଭାଗ ବାରମ୍ବାର ଚଢ଼ଉ କରି କାଠ ଯନ୍ତ୍ରାଂଶ ଜବତ କରୁଥିଲେ ହେଁ ପୁନର୍ବାର ସେହି ଜାଗାରେ କରତ କଳ ନିର୍ମାଣ କରାଯାଉଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ଏହି ବେଆଇନ କରତକଳ କାହା ଛତ୍ର ଛାୟା ତଳେ ପ୍ରଭାବ ବିସ୍ତାର କରୁଛନ୍ତି ତାହାକୁ ତଦନ୍ତ ପରିସରକୁ ଆଣି ଦୃଢ଼ ପଦକ୍ଷେପ ନେବା ପାଇଁ ଜିଲ୍ଲା ପ୍ରଶାସନଙ୍କୁ ସ୍ଥାନୀୟ ବାସିନ୍ଦା ନିବେଦନ କରିଛନ୍ତି।

# ଶ୍ରୀକ୍ଷେତ୍ର ସିଟି

୧୩/୩/୨୦୨୬ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୮୭,୩୧୬/- ସୁନା:୦୮.୦୦୦ ଗ୍ରାମ୍ ରୁପା: ୨୯୬.୫୦୦ ଗ୍ରାମ୍





## ରନ୍ଧନ ଗ୍ୟାସ୍‌ର ଅଭାବ ଓ ଦର ବୃଦ୍ଧିକୁ ବିରୋଧ

# ଜିଲ୍ଲାପାଳ ଅଫିସ ଆଗରେ ବିକ୍ଷୋଭ




ପୁରୀ,୧୩ା୩(ସମିସ)

ପର୍ଯ୍ୟଟନ ସହର ପୁରୀରେ ରନ୍ଧନ ଗ୍ୟାସର ଅଭାବ ଦେଖାଦେଇଛି। ଖାଉଟିଙ୍କୁ ଆବଶ୍ୟକତା ଅନୁଯାୟୀ ମିଳୁ ନ ଥିବାବେଳେ ଦର ମଧ୍ୟ ବୃଦ୍ଧି ପାଇଛି। ରନ୍ଧନ ଗ୍ୟାସର ବିଳମ୍ବିତ ଯୋଗାଣ ପ୍ରତିବାଦରେ ପୁରୀ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଡବଲ ଇଞ୍ଜିନ ସରକାର ବିରୁଦ୍ଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା କଂଗ୍ରେସ କମିଟି ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଶତାଧିକ କର୍ମୀ କଚେରୀ ଛକରୁ ପଦଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଗ୍ୟାସ୍ ସିଲିଣ୍ଡର ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

କଂଗ୍ରେସ ଜିଲ୍ଲା ସଭାପି ଇଂ ମିଶ୍ର କହିଛନ୍ତି, ଇରାନ ଆମେରିକା ଇସ୍ରାଏଲ ଯୁଦ୍ଧ କାରଣରୁ ତଥା ଆମେରିକାର ସିଧାସଳଖ ଭାରତ ସରକାରଙ୍କୁ ତାଗିଦ କାରଣରୁ ଭାରତ ଅନ୍ୟ ରାଷ୍ଟ୍ରରୁ ତୈଳ ତଥା ଗ୍ୟାସ ଆମଦାନୀ ନ କରିବା ଆମ ଦୁର୍ବଳ ବୈଦେଶିକ ନୀତିକୁ ଦର୍ଶାଉଛି। ଘରୋଇ ଗ୍ୟାସ ଓ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ପ୍ରତି ଅହେତୁକ ଦର ବୃଦ୍ଧି କାରଣରୁ ସିଧାସଳଖ ଗରିବ ନିମ୍ନ ମଧ୍ୟବିତ୍ତ ପରିବାରରେ ପ୍ରଭାବ ପକାଇଛି। ଗ୍ୟାସ ଦର ବୃଦ୍ଧି ଓ ସଙ୍କଟ ସିଧାସଳଖ ରୋଷେଇ ଘର ଉପରେ ପଡ଼ିଛି। ହୋଟେଲ, ଜଳଖିଆ ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା ମାଲିକ ତଥା କର୍ମଚାରୀଙ୍କ ପେଟକୁ ସରକାର ଦାନା ଦେବା ବଦଳରେ ଭାତହାଣ୍ଡି ଛଡ଼ାଇ ନେଇଛନ୍ତି। ଯଦି ଅନ୍ୟ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଯୁଦ୍ଧ ପାଇଁ ଏପରି ପରିସ୍ଥିତି ତେବେ ଆମ ଦେଶ ସହ ପଡୋଶୀ ଦେଶର ଯୁଦ୍ଧ ହେଲେ ଏଠାରେ ବିଭୀଷିକା ପରିସ୍ଥିତି ସୃଷ୍ଟି ହେବ। ଏଣୁ ସରକାର ଆମେରିକାର ଚାଟୁକାରିତା ନ କରି ତୁରନ୍ତ ତୈଳ ତଥା ଗ୍ୟାସ୍‌ର ଆମଦାନୀ ଉପରେ ନୀତି ନିର୍ଦ୍ଧାରଣ କରନ୍ତୁ। ଗ୍ୟାସ୍ ସିଲିଣ୍ଡର ସରଳ ଉପଲବ୍ଧ କରିବା ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ। ଭାରତରେ ସାମ୍ପ୍ରତିକ ସ୍ଥିତି ପାଇଁ ତୁରନ୍ତ ପ୍ରଧାନମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ଇଂ. ମିଶ୍ର ଦାବି କରିଛନ୍ତି। ସେହିପରି ସୁକାନ୍ତ ପ୍ରଧାନ କହିଛନ୍ତି, କଂଗ୍ରେସ ଶାସନରେ ଥିବାବେଳେ ଦେଶର ଅତ୍ୟାବଶ୍ୟକ ସାମଗ୍ରୀର ଦର କ'ଣ ଥିଲା, ଆଜି କେଉଁ ସ୍ତରରେ ପହଞ୍ଚିଲାଣି? ସେତେବେଳେ ଜନସାଧାରଣଙ୍କୁ ଭଲ ସବ୍‌ସିଡ ବି ଦିଆଯାଉଥିଲା। କିନ୍ତୁ ବର୍ତ୍ତମାନ ଲୋକେ ତ୍ରାହି ତ୍ରାହି ଡାକିଲେଣି। ନରେନ୍ଦ୍ର ମୋଦି ସରକାର ଏକ ଅପାରଗ ସରକାର। ରନ୍ଧନ ଗ୍ୟାସ୍ ହେଉ କି ତେଲ ଲୋକେ ପାଇବା ପାଇଁ ଧାଡି ଲଗାଉଛନ୍ତି। ଏକାଧିକ ହୋଟେଲ, ରେଷ୍ଟୁରାଣ୍ଟରେ ରୋଷେଇ ବନ୍ଦ କରିଦିଆଗଲାଣି। ପୁରୀରେ ଗ୍ୟାସ୍‌ର କଳାବଜାରୀ ହୋଇ ୨,୫୦୦ ଟଙ୍କାରେ ବିକ୍ରି ହେଉଛି ବୋଲି ସେ କହିଛନ୍ତି।

ଆଜିର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଶରତ ରଥ, ଉତ୍ତମ ଆଚାର୍ଯ୍ୟ, ଜୟନାରାୟଣ ପଟ୍ଟନାୟକ, ବିନାୟକ ଦାସମହାପାତ୍ର, ନିରଞ୍ଜନ ରଥ, ବିଶ୍ୱଭୂଷଣ ଦାସ, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ପ୍ରମୋଦ ପ୍ରଧାନ, ପୁଷ୍କର ମହାପାତ୍ର, ବିଶ୍ୱନାଥ ଦାଶ, ସୁକାନ୍ତ ପ୍ରଧାନ, ଗୋବିନ୍ଦ ମଲ୍ଲିକ, ନିର୍ମଳ ପରିଡ଼ା, ସୁଶାନ୍ତ ମହାପାତ୍ର, ସିତାକନ୍ତ ମହାନ୍ତି, ରାଧେଶ୍ୟାମ ସାହୁ, ଅମରେନ୍ଦ୍ର ପାଇକରାୟ, ସ୍ୱାଧୀନ କୁମାର ପଣ୍ଡା, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ନିରୁପମା ସାହୁ, ସିଲା ପରିଡ଼ା, ପିଙ୍କି ପରିଡ଼ା, ରିତା ଦାସ, ଆର୍ତ୍ତତ୍ରାଣ ସାହୁ, ବିଶ୍ୱରଂଜନ ମହାପାତ୍ର, ଅବିନାଶ ମିଶ୍ର, ରଜତ କୁମାର ସାହୁ, ଆଶୁତୋଷ ମିଶ୍ର, ବିଶ୍ୱରଞ୍ଜନ ସାମନ୍ତରାୟ, କାଳନ୍ଦୀ ବାରିକ, ଅନ୍ତର୍ଯ୍ୟାମି ଦିକ୍ଷୀତ, ଜିତୁ ପ୍ରକାଶ ପରିଡା, ନିର୍ମଳ ପରିଡ଼ା, ଆଦର୍ଶ ମିଶ୍ର, ସୁଶାନ୍ତ ମହାପାତ୍ର, ମନୋଜ ମହାପାତ୍ର, ଦୁର୍ଗାପ୍ରସାଦ ସାମନ୍ତରାୟ, ଉମା ବେହେରା, ଅର୍ଜୁନ ସାହୁ, ଅମିୟ ମହାପାତ୍ର, ସୌମ୍ୟକାନ୍ତ ପ୍ରଧାନ, କପିଳ ଷଡ଼ଙ୍ଗୀ, ବୈଦ୍ୟନାଥ ପାଣି, ପ୍ରମୋଦ ପାଣ୍ଡି, ଜିବେଶଚନ୍ଦ୍ର ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟ ସେବାରେ ଆଶାକର୍ମୀଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ




ପୁରୀ,୧୩ା୩(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଶୁକ୍ରବାର ଟାଉନ ହଲ୍‌ରେ ଆଶା, ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତିର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଯୋଗଦେଇଥିବା ବେଳେ ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅକ୍ଷୟ କୁମାର ଶତପଥୀ ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାର ସମସ୍ତ ଏଡିପିଏଚ୍‌ଓ ଏବଂ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲ୍ଲା ପ୍ରକଳ୍ପ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ ସହିତ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଶା ସଂଯୋଜକ ଅଶୋକ କୁମାର ସାହୁ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହା ପରେ ସମସ୍ତ ଅତିଥିଙ୍କ ଦ୍ୱାରା ଆଶା ଓ ଗାଁ କଲ୍ୟାଣ ସମିତି ଏବଂ ମହିଳା ଆରୋଗ୍ୟ ସମିତି ମାନଙ୍କର ଆଜିର ପରିସ୍ଥିତିରେ ଭଚମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସ୍ୱାସ୍ଥ୍ୟ ସେବାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଆଶା କର୍ମୀମାନଙ୍କ ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ। ମାତୃ ଓ ଶିଶୁ ସୁରକ୍ଷା, ଟୀକାକରଣ, ପୌଷ୍ଟିକ ଆହର ଓ ବିଭିନ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକର୍ମକୁ ସଫଳ କରିବାରେ ଆଶା କର୍ମୀମାନଙ୍କ ସହଭାଗିତା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ଅନ୍ୟ ଅତିଥିମାନେ ଆଶାମାନଙ୍କର କାର୍ଯ୍ୟକୁ ଭୁୟସୀ ପ୍ରଂଶସା କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ସେବାରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ୮ ଜଣ ଆଶାକର୍ମୀ, ୧୨ଟି ଗାଁ କଲ୍ୟାଣ ସମିତି, ୧୧ଟି ଉପ କେନ୍ଦ୍ର ଜନ ଆରୋଗ୍ୟ ସମିତି, ୩୩ଟି ମହିଳା ଆରୋଗ୍ୟ ସମିତିକୁ ଅର୍ଥ ପ୍ରଦାନ ସହ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଆଶାମାନଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ସେହିପରି ଉନ୍ନତ ପ୍ରଦର୍ଶନ କରିଥିବା ଆଶାମାନଙ୍କୁ ପୁରସ୍କୃତ କରାଯାଇଥିଲା। କୁଇଜ୍ କମ୍ପିଟିସନ କରାଯାଇ ସଠିକ ଉତ୍ତର ଦେଇଥିବା ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।

ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ହିସାବ ରକ୍ଷକ ସର୍ବେଶ୍ୱର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିପିଏଚ୍‌ସିଓ, ଏଡିପିଏଚ୍‌ସିଓ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ ପୁରୀର ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୧୧୦ ବୋତଲ କଫ୍ ସିରପ ଜବତ, ଜଣେ ଗିରଫ

ପୁରୀ,୧୩ା୩(ସମିସ): ବେଆଇନ ଭାବେ କଫ୍ ସିରପ ବିକ୍ରି କରୁଥିବା ବେଳେ ବାସେଳିସାହି ଥାନା ପୁଲିସ ଚଢାଉ କରି ଜଣଙ୍କୁ ଗିରଫ କରିଛି। ତାଙ୍କଠାରୁ ୧୧୦ ବୋତଲ କଫ୍ ସିରପ୍ ଜବତ ହୋଇଛି। ଅଭିଯୁକ୍ତ ହେଉଛି ବାସେଳିସାହି ନୀଳମାଧବ ଲେନ୍‌ର ସଞ୍ଜୟ କୁମାର ପ୍ରଧାନ (୩୯)। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ବାସେଳିସାହି ଥାନା ପୁଲିସ ପାଟ୍ରୋଲିଂ ଏବଂ ଅବକାରୀ ଧରପଗଡ଼ ଅଭିଯାନରେ ବାହାରିଥିଲେ। ଏହି ସମୟରେ ଏକ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଓଁକାରେଶ୍ୱର ମନ୍ଦିର ଓ ଗିନାରୀବନ୍ତକୁ ସଂଯୋଗ କରୁଥିବା ରାସ୍ତାରେ ଜଣେ ଅଭିଯୁକ୍ତ କଫ୍ ସିରପ୍ ବିକ୍ରି କରୁଛି। ଏହି ଖବର ପାଇବା ପରେ ପାଟ୍ରୋଲିଂ କର୍ମଚାରୀ ଘଟଣାସ୍ଥଳରେ ଚଢାଉ କରି ସଞ୍ଜୟଙ୍କୁ କାବୁ କରିଥିଲେ। ଯାଞ୍ଚ ବେଳେ ତା' ନିକଟରୁ ୧୧୦ ବୋତଲ କଫ୍ ସିରପ (ପ୍ରତ୍ୟେକ ବୋତଲରେ ୧୧୦ ଗ୍ରାମ୍) ଏବଂ ୯,୨୫୦ ଟଙ୍କା ଜବତ କରାଯାଇଥିଲା। ଅଭିଯୁକ୍ତ ସଞ୍ଜୟଙ୍କୁ ଶୁକ୍ରବାର କୋର୍ଟଚାଲାଣର କରାଯାଇଥିବା ବେଳେ ତା' ନାଁରେ ପୂର୍ବରୁ ବାସେଳିସାହି ଥାନାରେ ୭ଟି ମାମଲା ରହିଥିବା ପୁଲିସ କହିଛି।

## ସରସତିଆ ପାଇଁ ସ୍ଥାନୀୟ ପ୍ରଶାସନର ତତ୍ପରତା

# ପୁରୀ ଖଜାକୁ ଜିଆଇ ମାନ୍ୟତା ପାଇଁ ଉଦ୍ୟମ ନାହିଁ

ପୁରୀ,୧୩ା୩(ସମିସ): ଜିଆଇ (ଭୌଗୋଳିକ ସୂଚକାଙ୍କ) ମାନ୍ୟତା ହିଁ ଉତ୍ପାଦକୁ ସ୍ୱୀକୃତି ଦେଇଥାଏ। ଏହି ମାନ୍ୟତା ପାଇବା ପରେ ସେହି ଉତ୍ପାଦର ଚାହିଦା ଆହୁରି ବଢ଼ିବା ସହ ଏହା ଉପରେ ନିର୍ଭର କରୁଥିବା ବ୍ୟକ୍ତିବିଶେଷ ବି ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ ଉପକୃତ ହୋଇଥା'ନ୍ତି। ହେଲେ ଜିଆଇ ମାନ୍ୟତା ପାଇଁ ଓଡ଼ିଶାର ବହୁ ଉତ୍ପାଦ ବା ସାମଗ୍ରୀ ହକ୍‌ଦାର ଥିଲେ ହେଁ ଏ କ୍ଷେତ୍ରରେ ଉଦ୍ୟମ ହେଉନାହିଁ। ଖୁବ୍‌ଶୀଘ୍ର ସମ୍ବଲପୁରର ସରସତିଆକୁ ମିଳିବ ଜିଆଇ ମାନ୍ୟତା। କାରଣ ସମ୍ବଲପୁରର ପ୍ରସିଦ୍ଧ ପାରମ୍ପରିକ ମିଠା ସରସତିଆକୁ ଏହି ମାନ୍ୟତା ଦେବା ପାଇଁ ସେଠାକାର ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇ ଆବଶ୍ୟକ ସମସ୍ତ କାର୍ଯ୍ୟ ଶେଷ କରିଛି। ବୁଧବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି ସେଠାକାର ଜିଲ୍ଲାପାଳ। ଏହା ନିଶ୍ଚିତ ଓଡ଼ିଶା ପାଇଁ ଏକ ଭଲ ଖବର। କିନ୍ତୁ ବିଡ଼ମ୍ବନା ହେଉଛି ସବୁ ତଥ୍ୟ ପ୍ରମାଣ ଥାଇ ମଧ୍ୟ ପୁରୀ ଖଜାକୁ ଏ ଯାଏ ଜିଆଇ ମାନ୍ୟତା ମିଳିପାରିଲା ନାହିଁ। ଏହା ଉପରେ ନିର୍ଭର କରୁଥିବା ବ୍ୟବସାୟୀ ନା ଜିଲ୍ଲା ପ୍ରଶାସନ କେହି ବି ଉଦ୍ୟମ କରୁ ନ ଥିବାରୁ ପୁରୀର ପ୍ରସିଦ୍ଧ ଖଜା ନିଜ ପରିଚୟକୁ ଅଣ୍ଡାଳୁଛି।

ପୁରୀ ଖଜା ଶହଶହ ବର୍ଷ ପୂର୍ବରୁ ମହାପ୍ରଭୁଙ୍କ ଉପାସନା ସହିତ ଜଡ଼ିତ। ଯାତ୍ରୀ ଗୁମାସ୍ତାଙ୍କ ଦ୍ୱାରା ପୁରୀ ଖଜା ସାଂସ୍କୃତିକ ସଂହତିର ଏକ ମାଧ୍ୟମ ହୋଇଆସିଛି। ଏହା ଆମ ଐତିହ୍ୟର ବିଭବ। ମହାପ୍ରଭୁଙ୍କ ଶୁଖିଲି ଭୋଗ ହିସାବରେ ଖଜା, ଗଜା, ଜଗନ୍ନାଥ ବଲ୍ଲଭ ଅତି ପ୍ରିୟ। ଠାକୁରଙ୍କ ଛପନ ଭୋଗ ମଧ୍ୟରେ ଖଜା ହେଉଛି ଅନ୍ୟତମ। କାହିଁ କେବେଠାରୁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଖଜା ଭୋଗ ଲାଗିଆସୁଛି। ପୁରୀରେ ହିଁ ଏହାର ଉତ୍ପତ୍ତି, ଯେଉଁଥିପାଇଁ ପୁରୀ ଖଜାର ସ୍ୱତନ୍ତ୍ରତା ରହିଛି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ବାହାର ରାଜ୍ୟର ଶ୍ରଦ୍ଧାଳୁ ଫେରିବା ବେଳେ ପୁରୀ ଖଜାକୁ ହିଁ ନେଇ ଯାଇଥା'ନ୍ତି। ଆମ ଖଜା କେବଳ ଓଡ଼ିଶା ନୁହେଁ, ଭାରତର ବିଭିନ୍ନ ରାଜ୍ୟରେ ପ୍ରସିଦ୍ଧ। ମହାପ୍ରସାଦ ବ୍ୟତୀତ ବାହାରୁ ଆସୁଥିବା ଶ୍ରଦ୍ଧାଳୁଙ୍କର ଏହି ଖଜା ପ୍ରତି ସ୍ୱତନ୍ତ୍ର ଆକର୍ଷଣ ରହିଛି। ହେଲେ ଶ୍ରୀଜଗନ୍ନାଥ ସଂସ୍କୃତି ସହ ଜଡ଼ିତ ବହୁ ପ୍ରାଚୀନ ପୁରୀ ଖଜାକୁ କିପରି ଜିଆଇ ମାନ୍ୟତା ମିଳିବ ସେ ଦିଗରେ ପ୍ରଚେଷ୍ଟା ହୋଇନି। ଖଜା ବ୍ୟବସାୟକୁ କୌଳିକ ବୃତ୍ତି ଭାବେ ଆପଣାଇଥିବା ବ୍ୟବସାୟୀ ନା ଅନ୍ୟ କେହି ବି ଉଦ୍ୟମ କରିନାହାନ୍ତି।



କୌଣସି ଉତ୍ପାଦର ଜିଆଇ ମାନ୍ୟତା ପାଇଁ ଉପଯୁକ୍ତ ତଥ୍ୟ ପ୍ରମାଣ ସହ ଆବେଦନ କରିବାକୁ ପଡ଼ିଥାଏ। ଏଥିଲାଗି ସମ୍ପୃକ୍ତ ଉତ୍ପାଦ ଉପରେ ନିର୍ଭର କରୁଥିବା ବ୍ୟକ୍ତି ପ୍ରଥମେ ଆଗେଇ ଆସିବା ଦରକାର। ୨୦୧୮ରେ ପୁରୀ ଖଜାକୁ ଜିଆଇ ମାନ୍ୟତା ପାଇଁ ଅଳ୍ପ ସମୟ ଲାଗି ସ୍ୱର ଉଠିଥିଲା। ସେହି ସମୟରେ ବିହାର ନାଳନ୍ଦା ଜିଲ୍ଲାର ସିଲାଓ ଖଜାକୁ ମିଳିଥିଲା ଜିଆଇ ମାନ୍ୟତା। ସେମାନେ ୨୦୧୭ରେ ଆବେଦନ କରିଥିବାବେଳେ ତାଙ୍କୁ ୨୦୧୮ ଅଗଷ୍ଟ ମାସରେ ମାନ୍ୟତା ମିଳିଥିଲା। ସେହିପରି ଗୋଆର ଖାଜେକୁ ମଧ୍ୟ ଏହି ମାନ୍ୟତା ମିଳିଛି। ସେମାନେ ୨୦୧୯ ଜୁଲାଇରେ ଆବେଦନ କରିଥିବାବେଳେ ଠିକ୍ ବର୍ଷକ ପରେ ୨୦୨୦ ଜୁଲାଇରେ ଜିଆଇ ମାନ୍ୟତା ପାଇଥିଲେ। ଏଠାରେ ପ୍ରଶ୍ନ ଉଠୁଛି ଉଭୟ ବିହାରର ସିଲାଓ ଖଜା ଓ ଗୋଆର ଖାଜେଠାରୁ ପୁରୀ ଖଜା ବହୁ ପୁରୁଣା। ହେଲେ ଏହାକୁ ଜିଆଇ ମାନ୍ୟତା ପାଇଁ କେହି ବି ଉଦ୍ୟମ କରୁନାହାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୁରୀରେ ଶହଶହ ସଂଖ୍ୟାରେ ଖଜା ବ୍ୟବସାୟୀ ରହିଛନ୍ତି। ଏହି ବ୍ୟବସାୟ ଉପରେ ହଜାର ହଜାର ପରିବାର ନିର୍ଭର କରୁଛି। ହେଲେ କେହି ଏହାର ମାନ୍ୟତା ପାଇଁ ଆଗ୍ରହ ଦେଖାଉ ନାହାନ୍ତି। ପୂର୍ବରୁ ମଧ୍ୟ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ପୁରୀ ଖଜା ଶିଳ୍ପର ସମସ୍ତ ଉଦ୍ୟୋଗୀଙ୍କୁ ନେଇ ଏକ ଶିଳ୍ପପୁଞ୍ଜ (କ୍ଲଷ୍ଟର) ଗଠନ ନିଷ୍ପତ୍ତି ହୋଇଥିଲା। ଏଥିସହ ଖଜାର ପ୍ରସ୍ତୁତି ପ୍ରଣାଳୀକୁ ଭୌଗୋଳିକ ସୂଚକାଙ୍କ ଅଧିନିୟମ ୧୯୯୯ ଅନୁଯାୟୀ ପଞ୍ଜୀକରଣ କରାଗଲେ ପୁରୀ ଖଜାର ପ୍ରସ୍ତୁତି ପ୍ରଣାଳୀକୁ କେହି ନକଲ କରିପାରିବେ ନାହିଁ ବୋଲି ସହମତି ପ୍ରକାଶ ପାଇଥିଲା। ହେଲେ ସେହି ନିଷ୍ପତ୍ତି କେବଳ ନିଷ୍ପତ୍ତିରେ ହିଁ ରହିଯାଇଛି। ଏ ପର୍ଯ୍ୟନ୍ତ ପୁରୀ ଖଜାକୁ ତା' ସ୍ୱତନ୍ତ୍ରତାର ସ୍ୱୀକୃତି ମିଳିପାରିନାହିଁ।

# ଓଡ଼ିଶା ଶିକ୍ଷା ସର୍ବେକ୍ଷଣ କାର୍ଯ୍ୟକ୍ରମର ସମୀକ୍ଷା



ପୁରୀ,୧୩ା୩(ସମିସ): ପୁରୀ ଜିଲ୍ଲା ସ୍କୁଲ୍ ପରିସରରେ "ଓଡ଼ିଶା ଶିକ୍ଷା ସର୍ବେକ୍ଷଣ ପ୍ରୋଗ୍ରାମର' ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଯେଉଁ ପିଲାମାନେ ଅଧାରୁ ପାଠ ଛାଡ଼ିଥିଲେ, ବିଭିନ୍ନ କାରଣରୁ ମୂଳରୁ ପାଠ ପଢ଼ିବା ପାଇଁ ଆଡିମିସନ୍ କରି ନ ଥିଲେ ଓ ଯେଉଁ ଭିନ୍ନକ୍ଷମ ପିଲାମାନେ ସମାଜରେ ଅଣଦେଖା ହୋଇ ପାଠ ପଢୁ ନ ଥିଲେ ସେମାନଙ୍କୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ସିଆର୍‌ସିସିମାନଙ୍କ ଦ୍ୱାରା ଚିହ୍ନଟ କରାଯାଇ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ନାମ ଲେଖାଇ ଦିଆଯିବା ସହ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରାଯାଇଛି। ସେହି ପିଲାମାନଙ୍କ ମଧ୍ୟରୁ ବିଭିନ୍ନ ଶ୍ରେଣୀର ପ୍ରାୟ ୬୦ ଜଣ ଛାତ୍ରଛାତ୍ରୀ, ସେମାନଙ୍କ ଅଭିଭାବକ ଓ ସେମାନଙ୍କୁ ଚିହ୍ନଟ କରାଇ ମୁଖ୍ୟ ସ୍ରୋତରେ ସାମିଲ କରାଇଥିବା ଶିକ୍ଷକ ଶିକ୍ଷୟିତ୍ରୀ ଓ ସିଆର୍‌ସିସିମାନଙ୍କୁ ନେଇ ଏହି ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜୀବନ କୁମାର (ଆଇଏଏସ୍) ଓ କୌଶଳେନ୍ଦ୍ର ପ୍ରତାପ ସିଂହ (ଆଇଏଏସ୍), ରାଜ୍ୟ ସମଗ୍ର ଶିକ୍ଷାର ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ରାଉତ ଓ ଓସେପା ସହ ନିର୍ଦ୍ଦେଶକ ଦୀପକ କୁମାର ରାୟ ସମୀକ୍ଷକ ରୂପେ ଯୋଗଦାନ କରିଥିଲେ। ସେମାନେ ପ୍ରତ୍ୟେକ ଛାତ୍ରଛାତ୍ରୀ ମାନଙ୍କଠାରୁ ସେମାନଙ୍କ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ, ସିଆର୍‌ସିସି ଓ ଅଭିଭାବକ ମାନଙ୍କଠାରୁ ମଧ୍ୟ ପିଲାମାନଙ୍କ ବିଷୟରେ ବିଭିନ୍ନ ତଥ୍ୟ ସଂଗ୍ରହ କରିଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ପିପିଟି ପ୍ରଦର୍ଶନ ମାଧ୍ୟମରେ ଏ ସମ୍ପର୍କରେ ସମଗ୍ର ଜିଲ୍ଲାର ତଥ୍ୟ ବିଷଦ ଭାବେ ଉପସ୍ଥାପନ ଓ ତର୍ଜମା କରିଥିଲେ। ଏହାର ସାମଗ୍ରିକ ପ୍ରସ୍ତୁତି ଡପିସି ଓ ଡିଇଓଙ୍କ କାର୍ଯ୍ୟାଳୟ ତରଫରୁ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ ଓ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମ୍, ପୁରୀ ଜିଲ୍ଲା ସ୍କୁଲର ମଞ୍ଜୁଲତା ସାମନ୍ତରାୟ, ବିଶ୍ୱଜିତ୍ ବାନାର୍ଜୀ, ଜିଲ୍ଲା ସ୍କୁଲ୍ ପରିଚାଳନା କମିଟି ସଭାପତି ସୁଧାଂଶୁ ଶେଖର ରାୟ, ଆଲୁମିନି କମିଟି ସଭାପତି ରାଜକିଶୋର ପାତ୍ର, ପୁରୀ ଜିଲ୍ଲାର ସମସ୍ତ ମଣ୍ଡଳ ଶିକ୍ଷାଧିକାରୀ, ସମସ୍ତ ସିଆର୍‌ସିସି ଓ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, ସମଗ୍ର ଶିକ୍ଷାର କର୍ମଚାରୀମାନେ ଉପସ୍ଥିତ ଥିଲେ।

# ୨୮ରେ ପୁରୀ ଓକିଲ ସଂଘ ନିର୍ବାଚନ

## ଯାଞ୍ଚ ପରେ ମଇଦାନରେ ୧୯ ପ୍ରାର୍ଥୀ

ପୁରୀ,୧୩ା୩(ସମିସ): ଐତିହ୍ୟ ଓ ମର୍ଯ୍ୟାଦାପୂର୍ଣ୍ଣ ପୁରୀ ବାର୍ ଆସୋସିଏଶନର ବାର୍ଷିକ ନିର୍ବାଚନ ପାଇଁ ଗୁରୁବାର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି। ଯାଞ୍ଚ ପରେ ୧୯ ଜଣଙ୍କ ପ୍ରାର୍ଥୀପତ୍ର କାଏମ ରହିଛି ବୋଲି ନିର୍ବାଚନ କମିଟି ଅଧ୍ୟକ୍ଷ ତଥା ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ରଥ ଘୋଷଣା କରିଛନ୍ତି। ଚଳିତବର୍ଷ ସଭାପତି, ଉପସଭାପତି ଓ ସାଧାରଣ ସମ୍ପାଦକ ପଦ ପାଇଁ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ। ଯୁଗ୍ମ ସମ୍ପାଦକ ୩ଟି ପଦ ପାଇଁ ୫ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। କାର୍ଯ୍ୟକାରୀ ସଭ୍ୟ ୫ଟି ପଦ ପାଇଁ ୮ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତେବେ ପ୍ରାର୍ଥୀମାନେ ସେମାନଙ୍କ ପ୍ରଚାର ନିଜ ନିଜ ଢଙ୍ଗରେ ଆରମ୍ଭ କରିଦେଲେଣି। ବିଭିନ୍ନ ସ୍ଥାନ ବୁଲି ଆଇନଜୀବୀଙ୍କୁ ଭେଟି ନିଜ ସପକ୍ଷରେ ମତଦାନ କରିବା ଲାଗି ଅନୁରୋଧ କରୁଛନ୍ତି। ଏଥିସହ ପୁସିଙ୍ଗ କାର୍ଡ ମଧ୍ୟ ବାଣ୍ଟୁଛନ୍ତି। ସଭାପତି ପଦ ପାଇଁ ପ୍ରେମାନନ୍ଦ ମହାନ୍ତି ଓ ସାରଦା ପ୍ରସାଦ ସାମଲ, ଉପସଭାପତି ପାଇଁ ବିଭୁଦତ୍ତ ପଟ୍ଟନାୟକ ଓ ପ୍ରଦୀପ କୁମାର ଦାସ, ସାଧାରଣ ସମ୍ପାଦକ ପାଇଁ ଶରତ କୁମାର ରାୟଗୁରୁ ଓ ବିଭୁତି ଶଙ୍କର ତ୍ରିପାଠୀଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବା ସମ୍ଭାବନା ରହିଛି। ଯୁଗ୍ମ ସମ୍ପାଦକ ପଦ ପାଇଁ ଅଶ୍ୱିନୀ କୁମାର ବାନାର୍ଜୀ, ସୋମନାଥ ରଣା, ବିଚିତ୍ରା ନନ୍ଦ ପରିଡା, ଅନିଲ କୁମାର ସାହୁ ଓ ତପନ କୁମାର ବାରିକି ପ୍ରାର୍ଥୀ ହୋଇଛନ୍ତି। କାର୍ଯ୍ୟକାରୀ ସଭ୍ୟ ପାଇଁ ନଗେନ୍ଦ୍ର ନାଥ ମିଶ୍ର, ତାପସ ରଞ୍ଜନ ବଳିଆରସିଂହ, ବିଜୟ କୁମାର ସାହୁ, ଦେବାଶିଷ ଦାଶ, କର୍ଣ୍ଣବୀର ମହାପାତ୍ର, ଶିବାନନ୍ଦ ପାତ୍ର, ଜ୍ୟୋତି ପ୍ରକାଶ ମହାନ୍ତି ଓ ନମିତା ସାମଲ ପ୍ରାର୍ଥୀ ହୋଇ ପ୍ରଚାର କରୁଛନ୍ତି। ସୂଚନାଥାଉ କି, ଚଳିତ ମାସ ୨୮ ତାରିଖରେ ସକାଳୁ ଭୋଟ ଗ୍ରହଣ ହେବ। ସେହିଦିନ ସନ୍ଧ୍ୟାରେ ଭୋଟ ଗଣତି ହୋଇ ଫଳାଫଳ ବାହାରିବ।

## ରଥଯାତ୍ରା ପାଇଁ ଜିଲ୍ଲାପାଳଙ୍କ ପ୍ରସ୍ତୁତି ବୈଠକ

# ଧାର୍ଯ୍ୟ ସମୟରେ କାମ ସାରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ

ପୁରୀ,୧୩ା୩(ସମିସ)



ଆଗକୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ପ୍ରାୟେ ମାସେ ପର୍ଯ୍ୟନ୍ତ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ରହିବ। ତେଣୁ ଶ୍ରଦ୍ଧାଳୁମାନେ ଯେପରି କୌଣସି ପ୍ରକାର ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିଲାଗି ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପ୍ରଶାସନ ନିଜ ନିଜ ସ୍ତରରେ ପ୍ରସ୍ତୁତି ବୈଠକ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ପାଇଁ ପ୍ରସ୍ତୁତ ହୋଇଛି ମାଷ୍ଟର ପ୍ଲାନ୍। ମାଷ୍ଟର ପ୍ଲାନ୍ ଅନୁଯାୟୀ ରଥଯାତ୍ରା ସହ ଜଡ଼ିତ ସବୁ ବିଭାଗ ନିଜ ନିଜ କାର୍ଯ୍ୟ ଧାର୍ଯ୍ୟ ସମୟ ମଧ୍ୟରେ ସାରିବାକୁ ପରାମର୍ଶ ଦିଆଯାଇଛି। ଉଭୟ ସ୍ୱଳ୍ପ ମିଆଦୀ ଓ ଦୀର୍ଘ ମିଆଦି ଯୋଜନା କାର୍ଯ୍ୟକାରୀ କରିବାକୁ ସବୁ ବିଭାଗକୁ ଦିଆଯାଇଛି ନିର୍ଦ୍ଦେଶ। ଡେଡ୍ ଲାଇନ୍ ଅବଧି ମଧ୍ୟରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ପୂର୍ବ ବର୍ଷର ତ୍ରୁଟି ବିଚ୍ୟୁତିକୁ ସୁଧାରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ବିଶେଷକରି ୱାଟ୍‌କୋ, ଓପିଟିସିଏଲ୍, ପୌରସଂସ୍ଥା ଅଧିକାରୀମାନଙ୍କୁ ମାସକ ଭିତରେ ମାଷ୍ଟର ପ୍ଲାନ ସହ ସମ୍ପୃକ୍ତ ଟେଣ୍ଡର କାର୍ଯ୍ୟ ସମ୍ପୂର୍ଣ୍ଣ କରି ଆସନ୍ତା ମେ ୩୧ ତାରିଖ ସୁଦ୍ଧା ଜିଲ୍ଲାପାଳଙ୍କୁ ରିପୋର୍ଟ ଦେବାକୁ କୁହାଯାଇଛି। ମନ୍ଦିର ପ୍ରଶାସନକୁ ପବ୍ଲିକ୍ ସିଷ୍ଟମ୍ ଆରେଞ୍ଜମେଣ୍ଟ ଯେପରି ଭଲ ଭାବେ ହେବ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହିତ ସହଯୋଗ ରଖି କାର୍ଯ୍ୟ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗାଡି ପାର୍କିଂ, ଅସ୍ଥାୟୀ ପାଇଖାନା ନିର୍ମାଣ, ଭକ୍ତମାନଙ୍କ ରହଣୀ, ଯାତାୟାତ ଓ ଖାଦ୍ୟପେୟ ବ୍ୟବସ୍ଥା ଉପରେ ଧ୍ୟାନ ଦେବାକୁ ପୌରସଂସ୍ଥା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏହି ବୈଠକରେ ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, ସ୍ୱେରେଜ୍ ଓ ଡ୍ରେନେଜ୍ ବ୍ୟବସ୍ଥା, ରାସ୍ତାଘାଟ ମରାମତି, ପାର୍କିଂ ସ୍ଥାନ ଚିହ୍ନଟ ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ସହରର ଡ୍ରେନଗୁଡିକ ନିୟମିତ ସଫା କରିବା, ଖୋଲା ଡ୍ରେନରେ ସ୍ଲାବ ପରାଇବା, ମଶା ମରା ତେଲ ପକାଇବା, ମଶା ଧୂଆଁ ବ୍ୟବସ୍ଥା, ବୁଶ କଟିଂ କରାଇବା, ବର୍ଷା ହେଲେ ତୁରନ୍ତ ବଡଦାଣ୍ଡରୁ ଜଳ ନିଷ୍କାସନ ବ୍ୟବସ୍ଥା କରିବା, ପର୍ଯ୍ୟାପ୍ତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ଆଲୋକୀକରଣ, ପାର୍କିଂ, ପରିବହନ ବ୍ୟବସ୍ଥା ସମ୍ପର୍କରେ ବିଭାଗ ଗୁଡ଼ିକ ନିଜ ନିଜ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ସେହିପରି ରଥଯାତ୍ରା ସମୟରେ ପୁରୀକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସମସ୍ତଙ୍କ ସାମୁହିକ ଦାୟିତ୍ୱ। ସବୁ ବିଭାଗ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ସେବା ମନୋଭାବ ନେଇ ଅନୁପାଳନ ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

**ଗ୍ୟାସ୍ କଳାବଜାରୀ**

# ଘରୋଇ ସିଲିଣ୍ଡର ଗୋଟିକୁ ୨ ହଜାର

## ଦରବୃଦ୍ଧି ଓ କଳାବଜାରୀ ପ୍ରତିବାଦରେ କଂଗ୍ରେସ ବିକ୍ଷୋଭ

**ନୟାଗଡ଼, ୧୩।୩(ସମିସ)**

ନୟାଗଡ଼ ସହର ଓ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗ୍ୟାସ କଳାବଜାରୀ ଜୋରଦାର ଭାବେ ଆରମ୍ଭ ହୋଇଛି। ଗ୍ୟାସ ଦର ବୃଦ୍ଧି ସାଙ୍ଗକୁ ଯୁଦ୍ଧ ପାଇଁ କୃତ୍ରିମ ଗ୍ୟାସ ଅଭାବ ଦର୍ଶାଇ କଳାବଜାରୀ କରାଯାଉଛି। ଘରୋଇ ଗ୍ୟାସ ସିଲିଣ୍ଡର ଗୋଟିକୁ ୨ ହଜାର ଟଙ୍କାରେ ବିକ୍ରି କରାଯାଉଛି। ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ, ଚା ଦୋକାନଗୁଡ଼ିକ କଳାବଜାରରୁ ସିଲିଣ୍ଡର ୨ ହଜାର ଟଙ୍କାରେ କିଣୁଛନ୍ତି। ହୋଟେଲ, ଢାବା ଓ ଘରୋଇ ଅନୁଷ୍ଠାନକୁ ବ୍ୟବସାୟିକ ସିଲିଣ୍ଡର ଯୋଗାଣ ବନ୍ଦ ହୋଇଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଅନ୍ୟପକ୍ଷେ, ଜିଲ୍ଲାପାଳ ଆତଙ୍କିତ ନହେବାକୁ ପରାମର୍ଶ ଦେଇଥିଲେ ମଧ୍ୟ ନୟାଗଡ଼ ସହରରେ ରହିଥିବା ଗ୍ୟାସ ଏଜେନ୍ସିଗୁଡ଼ିକରେ ଆଜି ଲମ୍ବା ଧାଡ଼ି ଦେଖିବାକୁ ମିଳିଛି। କିଛିଦିନ ହେବ ଏଜେନ୍ସିଗୁଡ଼ିକରୁ ଗ୍ୟାସ ନେବା ପାଇଁ ଏକ ହଜାରରୁ ଊର୍ଦ୍ଧ୍ୱ ବୁକିଂ ହେଉଛି। ଦୈନିକ ୨ ଶହରୁ ୩ ଶହ ମଧ୍ୟରେ ବୁକିଂ ହେଉଥିବା ବେଳେ ଏବେ ତାହା ୫ ଗୁଣ ବୃଦ୍ଧି ପାଇଛି। ଆଶା ଓ ଆଶଙ୍କା ମଧ୍ୟରେ ହିତାଧିକାରୀମାନେ ତରବର ହୋଇ ଗ୍ୟାସ କିଣୁଥିବା ବେଳେ କିଛି ହିତାଧିକାରୀ ନିଜ ଖାତାରେ ଟାଙ୍କି କିଣି ହୋଟେଲଗୁଡ଼ିକୁ ବିକ୍ରି କରୁଥିବା ମଧ୍ୟ ଦେଖାଯାଇଛି। ସହରରେ ରହିଥିବା ଏଜେନ୍ସିଗୁଡ଼ିକରେ ଲମ୍ବା ଧାଡ଼ିକୁ ଦେଖି ଅନ୍ୟ ହିତାଧିକାରୀମାନେ ମଧ୍ୟ ଭୟଭୀତ ହେଉଛନ୍ତି।




**ନୟାଗଡ଼, ୧୩।୩(ସମିସ):** ପିସିସି ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନ କ୍ରମେ ଜାଳେଣି ଗ୍ୟାସ ଦରବୃଦ୍ଧି ପ୍ରତିବାଦରେ ଆଜି ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶଙ୍କ ନେତୃତ୍ୱରେ ସ୍ଥାନୀୟ ଓଡ଼ଗାଁ ଛକରେ କଂଗ୍ରେସ କାର୍ଯ୍ୟକର୍ତ୍ତା ମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ନିତ୍ୟ ବ୍ୟବହାର୍ଯ୍ୟ ଗ୍ୟାସ ସିଲିଣ୍ଡର ପିଛା ୬୦ ଟଙ୍କା ବୃଦ୍ଧି କରି ହାଣ୍ଡିଶାଳରେ ଚଡକ ପକାଇଛନ୍ତି ବୋଲି ଡିସିସି ସଭାପତି ଶ୍ରୀ ଦାଶ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ତ୍ରୁଟିପୂର୍ଣ୍ଣ ବିଦେଶ ନୀତି ପାଇଁ ଦେଶବ୍ୟାପି ଗ୍ୟାସ ସଙ୍କଟ ଦେଖାଦେଇଛି। ଗତକାଲି ବିଧାନସଭାରେ କଂଗ୍ରେସ ବିଧାୟକମାନେ ରାଜ୍ୟରେ ଗ୍ୟାସ ସଙ୍କଟ ଏବଂ କଳାବଜାରି ସମ୍ପର୍କରେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରି ଘେରିବାରୁ ସରକାରଙ୍କ ଚାପରେ ଜିଲ୍ଲାପାଳ ମାନେ ସାମ୍ବାଦିକ ସମ୍ମିଳନୀ କରି ଜିଲ୍ଲା ମାନଙ୍କରେ ପର୍ଯ୍ୟାପ୍ତ ଗ୍ୟାସ ମହଜୁଦ ଥିବା କହିଥିବା ବେଳେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା ରହିଛି। ଆଜି ସମଗ୍ର ଜିଲ୍ଲାରେ ପ୍ରତ୍ୟେକ ଗ୍ୟାସ ବିତରକ ସଂସ୍ଥା ସାମ୍ନାରେ ଲୋକେ ଖାଲି ସିଲିଣ୍ଡର ଧରି ଲମ୍ବା ଲାଇନ ଲଗାଇ ଥିଲେ ମଧ୍ୟ ଗ୍ୟାସ ମିଳି ପାରୁନାହିଁ ବୋଲି କଂଗ୍ରେସ ନେତାମାନେ ଅଭିଯୋଗ କରିଥିଲେ। ଗ୍ୟାସ ସିଲିଣ୍ଡର ପିଛା କଳାବଜାରୀ ମାନେ ୨ ହଜାର ଟଙ୍କା ନେଉଥିବାରୁ ଛୋଟଛୋଟ ଚା, ଜଳଖିଆ, ଚାଟ ଗୁପଚୁପ ଦୋକାନୀ ମାନେ ଘୋର ପ୍ରଭାବିତ ହେଉଛନ୍ତି। ଜିଲ୍ଲା ପ୍ରଶାସନ ଯଦି ଏହି ପ୍ରାୟୋଜିତ କଳାବଜାରୀ ପ୍ରତି ସଜାଗ ନରୁହନ୍ତି ତେବେ ଆଗାମୀ ଦିନରେ ଭୟଙ୍କର ଗ୍ୟାସ ସଙ୍କଟ ସୃଷ୍ଟି ହେବାର ସମ୍ଭାବନା ରହିଥିବା ଡିସିସି ସଭାପତି ଶ୍ରୀ ଦାଶ କହିଛନ୍ତି। ଡିସିସି ଉପସଭାପତି ବିଭୁପ୍ରସାଦ ମିଶ୍ର, ଅମଜାଦ ଖାଁ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରସାଦ ପରିଡ଼ା, ପୀତବାସ ଖୁଣ୍ଟିଆ, କୂଳେଶ ଚନ୍ଦ୍ର ମହାନ୍ତି, ସତ୍ୟନାରାୟଣ ସୁରଜଗଦେବ, ଜିଲ୍ଲା ମନରେଗା ଆନ୍ଦୋଳନ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସାନ୍ତ, ନୟାଗଡ଼ ମୁନିସିପାଲିଟି ସଭାପତି ରାଜକିଶୋର ଜେନା, ନୟାଗଡ଼ ବ୍ଲକ ସଭାପତି ହାସୀମ ଖାଁ, ନୂଆଗାଁ ବ୍ଲକ ସଭାପତି ଅଶୋକ କୁମାର ନାୟକ, ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ପ୍ରତୀକ ମହାପାତ୍ର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ, ମହିଳା କଂଗ୍ରେସ ନେତ୍ରୀ ସୁଜାତା ନାଏକଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା, ଯୁବ ଛାତ୍ର ମହିଳା ନେତୃବୃନ୍ଦ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

**କାମ କରୁନି ଏଟିଏମ୍**

## ହନ୍ତସନ୍ତ ଗ୍ରାହକ ଓ ପର୍ଯ୍ୟଟକ

**ଓଡ଼ଗାଁ, ୧୩।୩(ସମିସ):** ନୟାଗଡ଼ ଜିଲ୍ଲାର ଓଡ଼ଗାଁ ସହର ଏବଂ ପାଖପାଖି ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ବ୍ୟାଙ୍କର ଏଟିଏମ୍‌ଗୁଡ଼ିକ ଦୀର୍ଘଦିନ ଧରି ଅଚଳ ହୋଇପଡ଼ିଥିବା ନେଇ ଗ୍ରାହକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପ୍ରାୟ ୧୫ ଦିନ ହେବ ଏହି ସମସ୍ୟା ଚାଲିଥିବାରୁ ଟଙ୍କା ଉଠାଇବା ପାଇଁ ଆସୁଥିବା ଗ୍ରାହକ ଓ ପର୍ଯ୍ୟଟକମାନେ ବାରମ୍ବାର ନିରାଶ ହୋଇ ଫେରୁଛନ୍ତି।

ଓଡ଼ଗାଁର ଶ୍ରୀ ରଘୁନାଥ ଜୀଉ ମନ୍ଦିର ନିକଟସ୍ଥ କଲେଜ୍ ରୋଡ୍ ଷ୍ଟୁଡିଓ ଛକରେ ଥିବା ଷ୍ଟେଟ ବ୍ୟାଙ୍କ ଏଟିଏମ୍, ମନ୍ଦିର ରୋଡରେ ଥିବା ୟୁନିଅନ ବ୍ୟାଙ୍କ ଏବଂ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଏଟିଏମ୍ ସହ ଅନ୍ୟାନ୍ୟ କିଛି ଏଟିଏମ୍ ଦୀର୍ଘଦିନ ଧରି ସଠିକ୍ ଭାବେ କାର୍ଯ୍ୟକ୍ଷମ ନାହିଁ। କେଉଁଠି ଖୋଲା ଥାଇ ସର୍ଭର ଡାଉନ୍ ତ କେଉଁଠି ଟଙ୍କା ନାହିଁ। ଅନ୍ୟ କେଉଁଠି ଯନ୍ତ୍ର ଅଚଳ ଥିବାରୁ ଏଟିଏମ୍ର ସଟର ପଡ଼ି ଦୀର୍ଘଦିନ ଧରି ଖୋଲାଯାଉନାହିଁ। ଅନଲାଇନ୍ ପେମେଣ୍ଟ ସମୟରେ ସାଇବର ଠକେଇ ବୃଦ୍ଧି ପାଇଥିବାରୁ ଠକେଇର ଆଶଙ୍କାରେ, ବିଶେଷକରି ବରିଷ୍ଠ ନାଗରିକମାନେ ଏଟିଏମ୍ ମାଧ୍ୟମରେ ଟଙ୍କା ନେଣଦେଣ କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଏଭଳି ପରିସ୍ଥିତି ପାଇଁ ସେମାନେ ବେଶି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଓଡ଼ଗାଁ ନୟାଗଡ଼ ଜିଲ୍ଲାର ଏକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ହୋଇଥିବା ସହିତ ଶ୍ରୀ ରଘୁନାଥ ଜୀଉଙ୍କ ଦର୍ଶନ ପାଇଁ ପ୍ରତିଦିନ ବହୁ ସଂଖ୍ୟାରେ ଭକ୍ତ ଓ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି। ଏହି ଅବସ୍ଥାରେ ଏଟିଏମ୍ ଅଚଳ ଥିବାରୁ ସେମାନେ ମଧ୍ୟ ଟଙ୍କା ଉଠାଇବାରେ ବହୁ ଅସୁବିଧାରେ ପଡ଼ୁଛନ୍ତି। ଅନ୍ୟପକ୍ଷରେ ଆସନ୍ତା ମାର୍ଚ୍ଚ ମାସ ୨୭ ତାରିଖରୁ ଓଡ଼ଗାଁରେ ପ୍ରସିଦ୍ଧ ଶ୍ରୀରାମ ନବମୀ ଯାତ୍ରା ଆରମ୍ଭ ହେବ। ପ୍ରାୟ ୧୧ ଦିନ ଧରି ଚାଲୁଥିବା ଏହି ଯାତ୍ରା ସମୟରେ ହଜାର ହଜାର ଭକ୍ତଙ୍କ ସମାଗମ ହୁଏ। ତେଣୁ ଏହା ପୂର୍ବରୁ ସମ୍ପୃକ୍ତ ବ୍ୟାଙ୍କ ଓ ଏଜେନ୍ସିମାନେ ଏଟିଏମ୍‌ଗୁଡ଼ିକୁ ତ୍ୱରିତ ଭାବେ ସଠିକ୍ କାର୍ଯ୍ୟକ୍ଷମ କରିବା ପାଇଁ ଦାବି ହେଉଛି।

# ମୟୂରଝାଳିଆରେ ଶତାଧିକ ବେଆଇନ ମାଙ୍କଡ଼ା ଖଣି

**ନୟାଗଡ଼, ୧୩।୩(ସମିସ):** ନୟାଗଡ଼ ଜିଲ୍ଲା ରଣପୁର ତହସିଲ ଅନ୍ତର୍ଗତ ଚାନ୍ଦପୁର ଥାନା ଅଧିନସ୍ଥ ମୟୂରଝାଳିଆ ଓ ବୋରବରାଝରା ଗ୍ରାମରେ ଶତାଧିକ ବେଆଇନ ମାଙ୍କ?ା ଖଣି ଚାଲୁଛି। ଅବୈଧ ମାଙ୍କଡା ପଥର ଖଣି କାର୍ଯ୍ୟକଳାପ ଏବେ ସ୍ଥାନୀୟ ଲୋକଙ୍କ ପାଇଁ ଗଭୀର ଚିନ୍ତାର ବିଷୟ ହୋଇପଡ଼ିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ କିଛି ପ୍ରଭାବଶାଳୀ ବ୍ୟକ୍ତି ରାଜନୈତିକ ସମର୍ଥନରେ ଗଠିତ ଏକ ସିଣ୍ଡିକେଟ ଦୀର୍ଘଦିନ ଧରି ଏହି ଅବୈଧ ଖଣି କାର୍ଯ୍ୟକଳାପକୁ ଚାଲୁ ରଖିଛି। ପ୍ରତିଦିନ ଶତାଧିକ ଟ୍ରକ୍ରେ ମାଙ୍କଡା ପଥର କଟି ଜିଲ୍ଲାର ବିଭିନ୍ନ ସ୍ଥାନକୁ ପଠାଯାଉଛି। ଏହା ଫଳରେ ସରକାରଙ୍କୁ ବିପୁଳ ରାଜସ୍ୱ କ୍ଷତି ହେଉଥିବା ସହିତ ସ୍ଥାନୀୟ ପରିବେଶ ଉପରେ ଗୁରୁତର ପ୍ରଭାବ ପଡୁଛି। ଖଣି କାମ ପରେ ଖୋଳା ଯାଇଥିବା ଗଭୀର ଗଡ଼ିଗୁଡ଼ିକୁ ପୁରଣ କରାଯାଉନାହିଁ ଏବଂ ଅନେକ ସବୁଜ ଗଛ କାଟି ଦିଆଯାଉଛି। କୌଣସି ପ୍ରକାର ଭୂମି ପୁନର୍ବାସନ କିମ୍ବା ପୁନରୋପଣ କାମ ହେଉନାହିଁ। ବର୍ଷା ଋତୁରେ ଏହି ଗଭୀର ଗାତଗୁଡ଼ିକରେ ପାଣି ଜମାହେବାରୁ ପାଖପାଖିର ଧାନ ଜମିକୁ ପାଣି ପହଞ୍ଚିବାର ସ୍ୱାଭାବିକ ପ୍ରବାହ ବାଧାପ୍ରାପ୍ତ ହେଉଛି। ଯାହା କୃଷିକାର୍ଯ୍ୟକୁ ପ୍ରଭାବିତ କରୁଛି। ଏହା ସହିତ ରାତିରେ ଚାଲୁଥିବା ଶତାଧିକ ଟ୍ରକ୍ ଫଳରେ ଗ୍ରାମରେ ଭୟଙ୍କର ଧୂଳି ପ୍ରଦୂଷଣ ସୃଷ୍ଟି ହେଉଛି। ଘରେ ଘରେ ଧୂଳିର ପତଳା ପଡୁଥିବାରୁ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ, ବିଶେଷକରି ଶ୍ୱାସକୋଷ ସମ୍ବନ୍ଧୀୟ ସମସ୍ୟା ବଢ଼ିବାର ଆଶଙ୍କା ରହିଛି। ଅନ୍ୟପଟେ, ଯେତେବେଳେ କେହି ଏହି ଅବୈଧ ଖଣି କାର୍ଯ୍ୟକଳାପ ବିରୋଧରେ ସ୍ୱର ଉଠାନ୍ତି, ସେମାନଙ୍କୁ ଧମକ ଦିଆଯାଉଥିବା ଓ ଭୟଭୀତ କରାଯାଉଥିବା ଅଭିଯୋଗ ମଧ୍ୟ ଆସୁଛି। ଏହା ଫଳରେ ଗ୍ରାମରେ ଭୟର ପରିବେଶ ସୃଷ୍ଟି ହୋଇଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ, ଚାନ୍ଦପୁର ଥାନା, ରଣପୁର ତହସିଲଦାର, ଖଣି ବିଭାଗ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ବର୍ଷ ବର୍ଷ ଧରି ଏହି ବେଆଇନ କାରବାର ସ୍ଥାନୀୟ ଅଞ୍ଚଳରୁ ନର୍କରେ ପରିଣତ କରି ସାରିଛି। ମୟୂରଝାଳିଆରୁ ପ୍ରତ୍ୟେକ ଦିନ ୫ ଶହରୁ ଊର୍ଦ୍ଧ୍ୱ ଟ୍ରିପ ମାଙ୍କ?ା ପଥର ଚାଲାଣ ହେଉଛି। ଉକ୍ତ ଅଞ୍ଚଳର ଭବିଷ୍ୟତ ଛାରଖାର ହେବାକୁ ବସିଥିବା ବେଳେ ଜିଲ୍ଲା ପ୍ରଶାସନ କେବେ ଏହି ବେଆଇନ ଖଣି ଉପରେ ରୋକ ଲଗାଇବ ବୋଲି ପ୍ରଶ୍ନ ଉଠିଛି। ବିଗତ ଦିନରେ ତତ୍କାଳୀନ ଜିଲ୍ଲାପାଳ ରବୀନ୍ଦ୍ର ନାଥ ସାହୁ ଏହି ବେଆଇନ ଖଣି ଉପରେ ରୋକ ଲଗାଇବାକୁ ଚେଷ୍ଟା କରିଥିଲେ। ଜନୈକ ଖଣି ମାଫିଆ ଜିଲ୍ଲାପାଳ ଲାଞ୍ଚ ମାଗୁଥିବାରୁ ମିଛ ଅଭିଯୋଗ କରିଥିଲେ। ପୁଲିସ ଘଟଣାର ତଦନ୍ତ କରିବା ପରେ ଜିଲ୍ଲାପାଳଙ୍କୁ କ୍ଲିନଚିଟ୍ ମିଳିଥିଲା। କିନ୍ତୁ ଏହାକୁ ନେଇ ପ୍ରଶାସନ କଡ଼ା ଆଭିମୁଖ୍ୟ ଗ୍ରହଣ କରିବାରୁ କିଛି ମାଫିଆଙ୍କୁ ଗିରଫ କରାଯାଇଥିଲା। ଚାନ୍ଦପୁର ଥାନା ଓ ରଣପୁର ଥାନା ପୁଲିସ ଖଣି ମାଫିଆଙ୍କଠାରୁ ମାସିକିଆ ଚାନ୍ଦା ନେଇ ଏହାକୁ ପ୍ରୋତ୍ସାହନ ହେଉଥିବା ଅଭିଯୋଗ ହେଉଛି। ଜିଲ୍ଲାରେ ବେଆଇନ ଖଣି କାରବାରକୁ ରଣପୁରର ଜନୈକ ନିର୍ବାଚିତ ଜନପ୍ରତିନିଧିଙ୍କ ସମ୍ପର୍କୀୟ ପ୍ରୋତ୍ସାହନ ଦେଉଥିବା ଅଭିଯୋଗ ହେଉଛି। ଚାନ୍ଦା ନେଇ ଉକ୍ତ ବ୍ୟକ୍ତ ମାଫିଆଙ୍କ ସୁରକ୍ଷା ଦାତା ସାଜିଥିବା ଆଲୋଚନା ହେଉଛି। ନୟାଗଡ଼ ଜିଲ୍ଲାରେ ବେଆଇନ ଖଣି କାରବାର ଏବେ ନେତାଙ୍କ ସ୍ୱାମୀଙ୍କ ଦ୍ୱାରା ପରିଚାଳିତ ହେଉଥିବା ଅଭିଯୋଗ ହେଉଛି। ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

**ମାଫିଆଙ୍କ ଆଗରେ ମୁଣ୍ଡ ନୁଆଁଇଛି ପ୍ରଶାସନ**

**ନେତା ନେଉଛନ୍ତି ଚାନ୍ଦା, ପୁଲିସ ଓ ତହସିଲ ଚୁପ୍**

# ସାମନ୍ତ ଚନ୍ଦ୍ରଶେଖର ବରିଷ୍ଠ ନାଗରିକ ଫୋରମ ବୈଠକ

**ଖଣ୍ଡପଡ଼ା, ୧୩।୩(ସମିସ):** ସାମନ୍ତ ଚନ୍ଦ୍ରଶେଖର ବରିଷ୍ଠ ନାଗରିକ ଫୋରମର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ମା' ଉମାଦେବୀ ମନ୍ଦିର ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବରିଷ୍ଠ ନାଗରିକ ଫୋରମର ଉପ ସଭାପତି ବିନାୟକ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଅତିଥି ଭାବେ ନୟାଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରମୋଦ ପଟ୍ଟନାୟକ, ଫୋରମର ସମ୍ପାଦକ ଲକ୍ଷ୍ମୀଧର ସିଂ, ପୂର୍ବତନ ସଭାପତି ରାମଚନ୍ଦ୍ର ମହାପାତ୍ର, ଖଣ୍ଡପଡ଼ା ନଗର ଉପ ସଭାପତି ଦୁର୍ଗାମାଧବ ଦାଶ, ବିଶିଷ୍ଟ ଶିଶୁ କବି କାଶିନାଥ ଦାସ, ପଣ୍ଡିତ ମନୋଜ ଦାଶ ପ୍ରମୁଖ ଯୋଗଦେଇ ଥିଲେ। ସମସ୍ତଙ୍କ ଉପସ୍ଥିତିରେ ବରିଷ୍ଠ ନାଗରିକ ମାନଙ୍କର ବିଭିନ୍ନ ମୌଳିକ ସମସ୍ୟା, ସରକାରଙ୍କ ଆଭିମୁଖ୍ୟ ଓ ନାଗରିକ ଫୋରମର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ସଂଘର ବରିଷ୍ଠ ସଦସ୍ୟମାନେ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଏ ଅବସରରେ ନାଗରିକ ଫୋରମର ଭବିଷ୍ୟତ କାର୍ଯ୍ୟକ୍ରମ ନେଇ ସର୍ବସମ୍ମତି ପ୍ରସ୍ତାବକ୍ରମେ ୧୧ ଜଣ ସଦସ୍ୟଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିବା ବେଳେ କମିଟିର ସଦସ୍ୟ ଭାବେ ବିନାୟକ ମିଶ୍ର, ଆଇନ ଉପଦେଷ୍ଟା ଭାବେ ବରିଷ୍ଠ ଆଇନଜୀବି ମାଧବ ପ୍ରସାଦ ମିଶ୍ରଙ୍କ ସମେତ ଅନ୍ୟମାନଙ୍କୁ ଚୟନ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଏ ଅବସରରେ ୮୦ ବର୍ଷରୁ ଊର୍ଦ୍ଧର ବିଶିଷ୍ଟ ଚିତ୍ରଶିଳ୍ପୀ ଲଡୁକିଶୋର ସିଂହସାମନ୍ତ, ପୂର୍ବତନ ସରପଞ୍ଚ ଧନେଶ୍?ର ମହାପାତ୍ର, ନୀଳକଣ୍ଠ ସାହୁ, ଚିନ୍ତାମଣି ରାଜ, ଗୋପୀନାଥ ସାହୁ, ଅଭୟ ପ୍ରଧାନ ପ୍ରମୁଖ ୧୦ ଜଣ ବରିଷ୍ଠ ନାଗରିକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପରିଶେଷରେ ଶିକ୍ଷାବିତ ଜଗଦୀଶ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଖଣ୍ଡପଡ଼ା ସହର ସମେତ ବ୍ଲକ ଅଧୀନ ୨୨ ଟି ପଞ୍ଚାୟତରୁ ୨୦୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ ବୈଠକରେ ଉପସ୍ଥିତ ଥିଲେ।




## ବିଶ୍ୱଶାନ୍ତି ବାର୍ତ୍ତା ଦେଲା ସିଭିଲ ସୋସାଇଟି

**ନୟାଗଡ଼, ୧୩।୩(ସମିସ):** ଇରାନ, ଆମେରିକା ଓ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧରେ କେବଳ ଏହି ତିନି ଦେଶ ନୁହେଁ ସମଗ୍ର ବିଶ୍ୱ ପ୍ରଭାବିତ। ପ୍ରତ୍ୟେକ ଦିନ ଧନଜୀବନ ନଷ୍ଟ ହେବା ସହ ଦୈନନ୍ଦିନ ଜୀବନରେ ବ୍ୟବହୃତ ବସ୍ତୁ ଅହେତୁକ ଦରବୃଦ୍ଧି, ତୈଳ ସଙ୍କଟ ଯୁଦ୍ଧ ପରିସ୍ଥିତିକୁ ଆହୁରି ଜଟିଳ କରିଛି। ଏହି ପରିପ୍ରେକ୍ଷୀରେ ନୟାଗଡ଼ ସଦର ମହକୁମାରୁ ସାରା ବିଶ୍ୱ ପାଇଁ ଶାନ୍ତିର ବାର୍ତ୍ତା ଦେଇଛି ନୟାଗଡ଼ ସିଭିଲ ସୋସାଇଟ। ଯୁଦ୍ଧ ନୁହେଁ ଆମେ ଶାନ୍ତି ଚାହୁଁର ବାର୍ତ୍ତା ନେଇ ଆଜି ଏକ ଶୋଭାଯାତ୍ରା ନୟାଗଡ଼ ସହରର ଏନଏସି ସରକାରୀ ହାଇସ୍କୁଲଠାରୁ ପିତବୁଡ଼ି ଛକ ପର୍ଯ୍ୟନ୍ତ ସିଭିଲ ସୋସାଇଟି ଅଧ୍ୟକ୍ଷ ରୋଟାରିଆନ ଗୋଦାବରୀଶ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାରେ ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଅତିରିକ୍ତ ଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ, ଉତ୍କଳ ସାମ୍ବାଦିକ ସଂଘ ସଭାପତି ଶ୍ରୀକାନ୍ତ ଖଟେଇ, ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ, ଓକିଲ ସଂଘ ସମ୍ପାଦକ ସ୍ୱଦେଶ ମିଶ୍ର, ସିଭିଲ ସୋସାଇଟ ଉପାଧ୍ୟକ୍ଷ ଭଗବତୀ ଚରଣ ପଟ୍ଟନାୟକ ପ୍ରମୁଖଙ୍କ ସହ ସିଭିଲ ସୋସାଇଟ ସଦସ୍ୟ ଏବଂ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ।




# ଗାଁ ଦଣ୍ଡଯାତ୍ରା ଚାନ୍ଦାକୁ ନେଇ ବିଶୃଙ୍ଖଳା



**ଓଡ଼ଗାଁ, ୧୩।୩(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ଅଧୀନ ପାଣ୍ଡେରିପଡ଼ା ପଞ୍ଚାୟତର ପାଣ୍ଡେରିପଡ଼ା ଗାଁରେ ଦଣ୍ଡଯାତ୍ରା ଚାନ୍ଦା ଆଦାୟକୁ ନେଇ ବିବାଦ ସୃଷ୍ଟି ହୋଇଥିବା ଘଟଣା ସାମ୍ନାକୁ ଆସିଛି। ଶୁକ୍ରବାର ଶତାଧିକ ଗ୍ରାମବାସୀ ଓଡ଼ଗାଁ ଥାନାରେ ପହଞ୍ଚି ପୁଲିସଙ୍କ ନିକଟରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏହି ଘଟଣାକୁ ନେଇ ପୁଲିସ ୨ଟି ପୃଥକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗତ ୧୦ ତାରିଖ ରାତିରେ ପାଣ୍ଡେରିପଡ଼ା ଗାଁର ଭାଗବତ ମଣ୍ଡପରେ ଦଣ୍ଡଯାତ୍ରା ପାଇଁ ସର୍ବସାଧାରଣଙ୍କୁ ନେଇ ଏକ ସଭା ଆୟୋଜିତ ହୋଇଥିଲା। ସଭା ଚାଲିଥିବା ବେଳେ ସେହି ଗାଁର ପିଣ୍ଟୁ ସାହୁ ନାମକ ବ୍ୟକ୍ତି ସଭାସ୍ଥଳକୁ ଆସି ସର୍ବସମ୍ମୁଖରେ ଅସଦାଚରଣ କରିବା ସହିତ ତାଙ୍କୁ ଚାନ୍ଦା ମାଗିବାକୁ ମନା କରି ଧମକ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଗତ ୧୧ ତାରିଖରେ ଗ୍ରାମ୍ୟ ପରିଚାଳନା କମିଟିର ସଭାପତି ଶରତଚନ୍ଦ୍ର ପରିଡ଼ା ଗ୍ରାମବାସୀଙ୍କ ପକ୍ଷରୁ ଓଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅନ୍ୟପଟେ, ଗାଁ ଡାକରା ସମୟରେ ଡାକିବାକୁ ଯାଇଥିବା କିଛି ଯୁବକ ପିଣ୍ଟୁ ସାହୁଙ୍କ ସହ ଅସଭ୍ୟ ବ୍ୟବହାର କରିଥିବା ଦାବି କରି ସେ ମଧ୍ୟ ଓଡ଼ଗାଁ ଥାନାରେ ପୃଥକ ଲିଖିତ ଅଭିଯୋଗ ଦାଖଲ କରିଥିଲେ। ଘଟଣାର ତଦନ୍ତରେ ବିଳମ୍ବ ହେଉଥିବା ଅଭିଯୋଗ କରି ଶୁକ୍ରବାର ମଧ୍ୟାହ୍ନରେ ପାଣ୍ଡେରିପଡ଼ା ଗ୍ରାମର ଶତାଧିକ ଗ୍ରାମବାସୀ ଓଡ଼ଗାଁ ଥାନାରେ ପହଞ୍ଚି ଅଭିଯୋଗ ଅନୁସାରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ଓଡ଼ଗାଁ ପୁଲିସ ଉଭୟପକ୍ଷ ଅଭିଯୋଗ ଆଧାରରେ ଦୁଇଟି ପୃଥକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ। ପରିସ୍ଥିତି ଶାନ୍ତ ହୋଇଥିବା ସହ ଗ୍ରାମବାସୀମାନେ ଗାଁକୁ ଫେରିଥିଲେ। ଦଣ୍ଡଯାତ୍ରାକୁ ନେଇ ଓଡ଼ଗାଁ ବ୍ଲକର ପ୍ରାୟ ସମସ୍ତ ଗାଁରେ ପ୍ରାକ୍ ପ୍ରସ୍ତୁତି କାର୍ଯ୍ୟ ଜୋରଦାର ଭାବେ ଆରମ୍ଭ ହୋଇଛି। ଯାତ୍ରା ପାଳନକୁ ନେଇ ଆୟୋଜକ ଓ ଉପାସକମାନଙ୍କ ମଧ୍ୟରେ ତତ୍ପରତା ଦେଖାଯାଉଛି। ଏପରି ସମୟରେ ଛୋଟ ଘଟଣା ମଧ୍ୟ ବଡ଼ ରୂପ ନେବାର ସମ୍ଭାବନା ଥିବାରୁ ପୋଲିସ ପ୍ରଶାସନ ସତର୍କ ରହିବାକୁ ଆବଶ୍ୟକ ବୋଲି ସ୍ଥାନୀୟ ମହଲରେ ମତ ପ୍ରକାଶ ପାଇଛି।

**ଥାନାରେ ପହଞ୍ଚିଲେ ଶତାଧିକ ଗ୍ରାମବାସୀ, ୨ ମାମଲା ରୁଜୁ**

# ଜଳୁଛି ଜଙ୍ଗଲ; ଦିନକରେ ୮୦ରୁ ଊର୍ଦ୍ଧ୍ୱ ସ୍ଥାନରେ ନିଆଁ



**ନୟାଗଡ଼, ୧୩।୩(ସମିସ)**

ନୟାଗଡ଼ ଜିଲ୍ଲାର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗି ପରିସ୍ଥିତିକୁ ଅଣାୟତ୍ତ କଲାଣି। ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ବନବିଭାଗ ପତ୍ତା ପାଉ ନ ଥିବା ବେଳେ ନିଆଁ ଲିଭାଇବା ପାଇଁ ବନବିଭାଗ ଅଣାୟତ୍ତ ହେଉଛି। ନୟାଗଡ଼ ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ଗତ ଦୁଇ ସପ୍ତାହ ହେବ ନିଆଁ ଲାଗୁଥିବା ବେଳେ ବନକର୍ମଚାରୀ ଏହାକୁ ଆୟତ କରିବା କାଠିକର ପାଠ ହେଇଯାଉଛି। ମିଳିଥିବା ସୂଚନାନୁସାରେ, ଶୁକ୍ରବାର ନୟାଗଡ଼ ବନଖଣ୍ଡର ୮୦ରୁ ଊର୍ଦ୍ଧ୍ୱ ସ୍ଥାନରେ ନିଆଁ ଲାଗିଥିବା ବେଳେ ଦିନରାତି ବନକର୍ମଚାରୀମାନେ ନିଆଁ ରୋକିବାକୁ ଚେଷ୍ଟା ଚଳାଇଛନ୍ତି। ନୟାଗଡ଼ରେ ୨୦୨୧ ମସିହାରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଥିଲା, ତାହାର ଏବେ ପୁଣି ପୁନରାବୃତ୍ତି ଘଟିବାକୁ ବସିଥିବା ଅନୁମାନ କରାଯାଉଛି। ସେତେବେଳେ ସାରା ଜିଲ୍ଲା ଗୋଟିଏ ସପ୍ତାହ ପାଇଁ ଧୂଆଁମୟ ହୋଇ ରହିଥିଲା। ଏବେ ସମାନ ସ୍ଥିତି ସୃଷ୍ଟି ହେବାକୁ ବସିଛି। ନିଆଁ ପ୍ରଭାବରେ ନୟାଗଡ଼ ଜିଲ୍ଲାର ଆକାଶ ଧୂଆଁମୟ ହେବାକୁ ବସିଲାଣି। ବର୍ଷା ଅଭାବ କାରଣରୁ ନିଆଁକୁ ଆୟତ କରିବା କାଠିକର ପାଠ ହୋଇଛି। ନୟାଗଡ଼ ବନଖଣ୍ଡର ବିଭିନ୍ନ ସ୍ଥାନରେ ଅଗ୍ନିକାଣ୍ଡ ଦ୍ୱାରା ବୃକ୍ଷଲତା, ପଶୁ, ପକ୍ଷୀ ସାଂଘାତିକ ସମସ୍ୟା ଭୋଗୁଛନ୍ତି। ଅଗ୍ନିକାଣ୍ଡ ଦ୍ୱାରା ଛୋଟ ଛୋଟ ବୃକ୍ଷଗୁଡ଼ିକ ଜଳି ପୋ? ଯାଉଥିବା ବେଳେ ବହୁ ଔଷଧୀୟ ବୃକ୍ଷ ମଧ୍ୟ ନଷ୍ଟ ହୋଇଯାଉଛି। କେବଳ ସଚେତନତା ଅଭାବ ପାଇଁ ଅନେକ ସ୍ଥାନରେ ଅଗ୍ନିକାଣ୍ଡ ଘଟୁଥିବା ଦେଖାଯାଇଛି। ଅନେକ ସ୍ଥାନରେ ପୋଡୁଚାଷ ପାଇଁ ଅଗ୍ନିକାଣ୍ଡ ଘଟୁଥିବା ବେଳେ ଅନେକ ସ୍ଥାନରେ ଜାଣିଶୁଣି ନିଆଁ ଲଗାଯାଉଛି। ବନ୍ୟଜନ୍ତୁ ଶୀକାର ପାଇଁ କେତେକ ସ୍ଥାନରେ ନିଆଁ ଲଗାଯାଉଥିବା ବେଳେ କେତେକ ସ୍ଥାନରେ ଜଙ୍ଗଲକୁ ଯାଉଥିବା ବ୍ୟକ୍ତି ବିଡ଼ି କିମ୍ବା ସିଗାରେଟ ଲଗାଇବା ଦ୍ୱାରା ଅଗ୍ନିକାଣ୍ଡ ଘଟୁଛି। ଅଧିକାରୀମାନେ କାର୍ଯ୍ୟାଳୟରେ ବସି କେବଳ ଫାଇଲ ଚାଷରେ ମାତିଥିବା ବେଳେ ଜଙ୍ଗଲ ମାଟି ମାଡୁନାହାନ୍ତି। ତଳିଆ ବନକର୍ମଚାରୀମାନେ ଦିନ ରାତି ଏକ କରି ଦେଉଥିବା ବେଳେ ବନାଗ୍ନି ମୁକାବିଲା ପ୍ରତି ଅଧିକାରୀଙ୍କ ଆଦୌ ଆନ୍ତରିକତା ନଥିବା ଭଳି ମନେ ହେଉଛି। ଏଭଳି ପରିସ୍ଥିତି ଲାଗି ରହିଲେ, ଆଗାମୀ ଦିନରେ ଭୟାବହ ପରିସ୍ଥିତି ସୃଷ୍ଟି ହେବ ବୋଲି ଆଲୋଚନା ହେଉଛି। ଯୁବ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଏବଂ ଜନପ୍ରତିନିଧିଙ୍କ ସହଯୋଗ ନିଆ ଯାଇ ଜଙ୍ଗଲ ନିକଟସ୍ଥ ଗାଁ ଲୋକଙ୍କୁ ସଚେତନ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ନତୁବା ପରିସ୍ଥିତି ଭୟାବହ ହେବା ନିଶ୍ଚିତ ବୋଲି ଆଲୋଚନା ହେଉଛି। ଖଣି, ପାଣି ନଥିବା ଜିଲ୍ଲା ହେଉଛି ନୟାଗଡ଼। ନୟାଗଡ଼ ଏହାର ଜଙ୍ଗଲ ସମ୍ପଦ ପାଇଁ ଆଜି ଗର୍ବ କରୁଥିବା ବେଳେ ବେଫିକର ନୀତି ପାଇଁ ଜଙ୍ଗଲକୁ ନିଆଁ ଗ୍ରାସ କରୁଛି। ଏହାର ମୁକାବିଲା ପାଇଁ ଅଗ୍ନିଶମ ବିଭାଗ, ଏନସିସି କମାଣ୍ଡୋ, ବିଭିନ୍ନ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ। ଜିଲ୍ଲା ପ୍ରଶାସନ ନିଆଁ ମୁକାବିଲା କରିବା ପାଇଁ ବିଭିନ୍ନ ବିଭାଗକୁ ନେଇ ଏକ ବୈଠକ କରି ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି।

- ଧୂଆଁଳିଆ ହୋଇଗଲାଣି ନୟାଗଡ଼ ଆକାଶ
- ୨୦୨୧ ସ୍ଥିତି ୨୦୨୬ରେ ପୁନରାବୃତ୍ତି
- ବର୍ଷା ନ ଥିବାରୁ ଆୟତ୍ତ ବାହାରେ ନିଆଁ
- ବେଫିକର ବନ କର୍ମଚାରୀ ଓ ଅଧିକାରୀ

## ମନେ ପଡ଼ନ୍ତି ପଦ୍ମଶ୍ରୀ ରାଧାମୋହନ

**ନୟାଗଡ଼, ୧୩।୩(ସମିସ):** ୨୦୨୧ ମସିହାର ଭୟାବହ ପରିସ୍ଥିତି ମୁକାବିଲା ପାଇଁ ବନବିଭାଗ ପକ୍ଷରୁ ମାର୍ଚ୍ଚ ୮ ତାରିଖ ସୃଜନ ସଭାଗୃହରେ ଏକ ବୈଠକ ଆୟୋଜନ କରାଯାଇଥିଲା। ବୈଠକରେ ଯୋଗଦେଇ ପଦ୍ମଶ୍ରୀ ପ୍ରଫେସର ରାଧାମୋହନ ଜଙ୍ଗଲ ନିଆଁ ଲାଗିବା ସ୍ଥିତି ମୁକାବିଲା ପାଇଁ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଜଙ୍ଗଲ ନିକଟ ଗାଁକୁ ଯାଇ ସ୍ଥାନୀୟ ଲୋକଙ୍କଠାରୁ ନିଆଁ ଲାଗିବା ସମ୍ପର୍କରେ ଖବର ସଂଗ୍ରହ କରି ପ୍ରକାଶ କରିବାକୁ ଆହ୍ୱାନ ଦେଇଥିଲେ। ଲୋକମାନେ କ'ଣ କହୁଛନ୍ତି, ତାହା ବନବିଭାଗ ଏବଂ ସାଧାରଣ ଲୋକେ ଜାଣିବା ନିହାତି ଜରୁରୀ ବୋଲି କହିଥିଲେ। ତେବେ ଯାଇ ସମସ୍ୟା ସମାଧାନ ହୋଇପାରିବ ବୋଲି ସେ କହିବା ସହ ବନବିଭାଗ ପକ୍ଷରୁ ବାହାଘର ବେଳେ ବାଇଗଣ ରୁଆକୁ ନେଇ ତାତ୍ସଲ୍ୟ କରିଥିଲେ। ସଚେତନତା କାର୍ଯ୍ୟକ୍ରମ ଏବଂ ନିଆଁ ନଲାଗିବା ତଥା ଲିଭାଇବା ନେଇ ବିଭାଗ ନଭେମ୍ବର ମାସରୁ ପ୍ରସ୍ତୁତ ହେବା କଥା ବୋଲି କହିଥିଲେ।



ଆସନ୍ତାବର୍ଷରୁ ନଭେମ୍ବର ମାସରୁ କାର୍ଯ୍ୟକ୍ରମ ହାତକୁ ନେବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ପଦ୍ମଶ୍ରୀଙ୍କ ଉକ୍ତ କଥାକୁ ବନବିଭାଗ କେବଳ କଥାରେ ରଖି ଦେଇଛି। ଜଙ୍ଗଲ ନିଆଁ ମୁକାବିଲା ପାଇଁ କୌଣସି ଆଗୁଆ ପଦକ୍ଷେପ ନିଆଯାଇନାହିଁ। ଅନ୍ୟପକ୍ଷେ, ଜଙ୍ଗଲ ନିଆଁ ସମ୍ପର୍କରେ ସେ ଏକ ମହତ୍ୱପୂର୍ଣ୍ଣ ବାର୍ତ୍ତା ଆଜି ଦେଇଥିଲେ। ଜଙ୍ଗଲରେ କେଉଁ ଗଛ କି ପ୍ରକାର ଉପକାରରେ ଆସେ, କେଉଁ ଜୀବ କି ଉପକାରରେ ଆସେ ତାହା ଆମେ ଜାଣିନେ। ନିଆଁରେ ତାହା ନଷ୍ଟ ହୋଇଗଲେ, ଆମର ଅପୂରଣୀୟ କ୍ଷତି ଘଟିବ ବୋଲି କହିଥିଲେ।

## ଗୋଲବାଇରେ ଦଶଦୋଳ ଯାତ୍ରା ଆରମ୍ଭ

ନିରାକାରପୁର,୧୩।୩(ସମିସ): ଦୋଳଯାତ୍ରା ଉତ୍କଳର ଏକ ସ୍ୱତନ୍ତ୍ର ପରମ୍ପରା। ଏହି ମହାନ ସାଂସ୍କୃତିକ ପରମ୍ପରା ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ଗୋଲବାଇର ଦଶଦୋଳ ଯାତ୍ରା ଅନ୍ୟତମ। ଚୈତ୍ରମାସ କୃଷ୍ଣପକ୍ଷ ଦଶମୀ ତିଥି ମଧ୍ୟରାତ୍ରୀର ନୀତି ନିର୍ଘଣ୍ଟ ନିର୍ଦ୍ଧାରିତ ଏକ ଅମୃତ ବେଳାରେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀ ନିଜ ମନ୍ଦିର ଆସ୍ଥାନକୁ ତ୍ୟାଗ କରି ଉତ୍କଣ୍ଠିତ ନୟନରେ ଚାହିଁ ରହିଥିବା ଅସଂଖ୍ୟ ଶ୍ରଦ୍ଧାଳୁଙ୍କ ସହିତ ମହାପଟୁଆରରେ ସୁସଜ୍ଜିତ ଦୋଳ ବିମାନରେ ଆସି ସାମିଲ ହୋଇଥିଲେ। ବିଶ୍ୱ କଲ୍ୟାଣମୟୀ ମା' ଭଗବତୀଙ୍କ ଆଗମନରେ ହରିବୋଲ, ହୁଳହୁଳି ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇ ଉଠିଛି। ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ଅଖାପାଖ ପ୍ରାୟ ୨୦ଟି ମୌଜାରୁ ୫୦ରୁ ଉର୍ଦ୍ଧ୍ୱ ନିମନ୍ତ୍ରିତ ଯଥା-ବାଲିଗାଡ଼ିଆ, ଜଙ୍କିଆ, ନିରାକାରପୁର, କାଶୀପୁର, ତଇଲା, ଭଗବତୀପଡା, ସାନ୍ତରାପୁର, ମାନପୁର, ହାଡପଦା, କୃଷ୍ଣପୁର, ମୋଟା, ଗୋଡିପଡା ପ୍ରଭୃତି ଗୋଲବାଇ ଗ୍ରାମପଞ୍ଚାୟତ ସମେତ ଆରାଧ୍ୟ ଦେବଦେବୀମାନେ



ଦୋଳବିମାନରେ ଆସି ସାମିଲ ହୋଇ ଏହି ମହାପଟୁଆରରେ ଆସିଥିଲେ। ସମବେତ ଶ୍ରଦ୍ଧାଳୁଙ୍କ ଭିଡ଼ରେ ଏହିପରି ଦଶମୀଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ମହା ଆଡ଼ମ୍ବର ସହକାରେ ଦୀର୍ଘ ୪ଦିନ ଧରି ଯାତ୍ରା ଚାଲିବ। ଏହି ଦଶଦୋଳ ଯାତ୍ରାକୁ ଅତୀବ ଶୃଙ୍ଖଳିତ ଏବଂ ସୁଚାରୁରୂପେ ପରିଚାଳନା ପାଇଁ ଦୀର୍ଘବର୍ଷ ଧରି ମା' ଭଗବତୀ ଦଶଦୋଳ ଯାତ୍ରା କମିଟି କାର୍ଯ୍ୟ କରିଆସୁଛି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ କମିଟିର ତତ୍ତ୍ୱାବଧାନରେ ଏବଂ ପୂର୍ଣ୍ଣ ସହଯୋଗରେ ଯାତ୍ରା ଅନୁଷ୍ଠିତ ହେଉଛି। ଗତକାଲି ଗୋଲବାଇ ମେଳଣ ଜମି ଥିବାବେଳେ ଆଜିଠାରୁ ଦୋଳଯାତ୍ରା ଦେଖିବାକୁ ବହୁ ସଂଖ୍ୟାରେ ଭିଡ଼ ଜମିଛି।

## ରନ୍ଧନ ଗ୍ୟାସ୍ ଦରବୃଦ୍ଧି ଓ ଅଭାବ ପ୍ରତିବାଦରେ କଂଗ୍ରେସର ବିକ୍ଷୋଭ

# ଦରବୃଦ୍ଧି ଓ ଅଭାବ 'ଆଚ୍ଛାଦିନ୍'ର ବାସ୍ତବ ଚିତ୍ର

ଖୋର୍ଦ୍ଧା,୧୩।୩(ସମିସ):



ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନ କ୍ରମେ ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସମବାୟ ବ୍ୟାଙ୍କ ଛକଠାରେ ରନ୍ଧନଗ୍ୟାସ ଦରବୃଦ୍ଧି ଏବଂ ଏହାର ସାଂଘାତିକ ଅଭାବ ପ୍ରତିବାଦରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ପରେ ସମସ୍ତ ଦଳୀୟ ନେତା ଓ କର୍ମୀ ବାଇକ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଁଚିଥିଲେ। ସେଠାରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

ଏହି ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ପଟ୍ଟନାୟକ କହିଲେ ଯେ, ଆଜି ରନ୍ଧନଗ୍ୟାସର ଦରବୃଦ୍ଧି ଓ ଅଭାବକୁ ନେଇ ଯେଉଁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି ତାହା ପ୍ରଧାନମନ୍ତ୍ରୀ ମୋଦିଙ୍କର ଆଚ୍ଛାଦିନର ବାସ୍ତବ ଚିତ୍ର। ଗତ ୨୦୨୫ରେ ମୋଦି ସରକାର ସିଲିଣ୍ଡର ପିଛା ୫୦ଟଙ୍କା ଦରବୃଦ୍ଧି କରିଥିବା ବେଳେ ଏବେ ପୁଣି ସିଲିଣ୍ଡର ପିଛା ୬୦ ଟଙ୍କା ବୃଦ୍ଧି କରିଛନ୍ତି। ବ୍ୟବସାୟୀକ ସିଲିଣ୍ଡର ପିଛା ୧୧୫ ଟଙ୍କା ବଢ଼ାଇଛନ୍ତି। ୟୁପିଏ ସରକାର ସମୟରେ ୨୦୧୪ ମସିହା ସୁଦ୍ଧା ସିଲିଣ୍ଡର ପିଛା ୪୫୦ଟଙ୍କା ଥିଲା। ଏବେ ସିଲିଣ୍ଡରର ମୂଲ୍ୟ ୧୦୦୦ ଟଙ୍କା ହେଲାଣି। ଏବେ ରନ୍ଧନଗ୍ୟାସର କଳାବଜାରି ଆରମ୍ଭ ହୋଇଗଲାଣି। ସିଲିଣ୍ଡର ପିଛା ୨୦୦୦-୨୫୦୦ ଟଙ୍କାରେ କିଣିବା ପାଇଁ ଲୋକେ ବାଧ ହେଉଛନ୍ତି।

ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମୋଦି ଅଯଥା ଆମେରିକା-ଇଜ୍ରାଏଲ-ଇରାନର ଯୁଦ୍ଧ ପରିସ୍ଥିତି ଭିତରକୁ ଭାରତକୁ ଠେଲି ଦେଉଛନ୍ତି। ମୋଦିଙ୍କର ଭୁଲ ନୀତି ଯୋଗୁ ଆଜି ଭାରତରେ ଦୟନୀୟ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି। ହାଣ୍ଡିଶାଳରେ ସରକାର ମହଙ୍ଗାମାଡ଼ ଦେଉଛନ୍ତି। ଏପରିକି ସ୍କୁଲ, କଲେଜ, ମେଡିକାଲ ପ୍ରଭୃତିରେ ନାହିଁ ନଥିବାର ଅବସ୍ଥା ଦେଖିବାକୁ ମିଳୁଛି। ସୁତରାଂ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ତୁରନ୍ତ ପରିସ୍ଥିତିର ନିୟନ୍ତ୍ରଣ ପାଇଁ ଦାବି କରାଯାଇଛି।

ଅନ୍ୟମାନଙ୍କ ମଧ୍ୟରେ ଏଥିରେ ବରିଷ୍ଠ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ସୋନାଲି ସାହୁ, ଶିଶିର ପରିଡ଼ା, ଜୟଶ୍ରୀ ପଟ୍ଟନାୟକ, ରଣଜିତ ମହାପାତ୍ର, ସଦାଶିବ ମହାପାତ୍ର, ସୌମ୍ୟ ପଟ୍ଟନାୟକ, ସୁନିଲ ଗାନ୍ଧୀ, ତାପସ ମିଶ୍ର, ଅଶୋକ ମଙ୍ଗରାଜ, ଶୁଭ୍ରାଂଶୁ ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ବେହେରା, ଗୁରୁଚରଣ ପଟ୍ଟନାୟକ, ଶୈଳେନ୍ଦୁ ଦାସ, ଶିଶିର ପଟ୍ଟନାୟକ, ରମେଶ ପଟ୍ଟନାୟକ, କାଳେଣ୍ଡି ମହାପାତ୍ର, ରମାକାନ୍ତ ପଟ୍ଟନାୟକ, ମାନସ ବାହୁ ବଳେନ୍ଦ୍ର, ଶିବୁ ନାୟକ, ହଲିମ ଖାନ, ରସାନନ୍ଦ ପରିଡ଼ା, ଶ୍ରୀୟା ସେଠୀ, ବୁଲୁ ରାଉତ, ସର୍ବେଶ୍ୱର ମଲ୍ଲିକ, ଶରତ ପ୍ରଧାନ, ମାନସ ବହୁବଳେନ୍ଦ୍ର, ମଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଦେଶର ଭବିଷ୍ୟତ ଗଠନରେ ଶିକ୍ଷକଙ୍କ ପ୍ରମୁଖ ଭୂମିକା ରହିଛି: ରାଜ୍ୟପାଳ

ଜଟଣୀ,୧୩।୩(ସମିସ)



ଆଇଆଇଟି ଭୁବନେଶ୍ୱର ପରିସରରେ ଶିକ୍ଷକମାନଙ୍କ ପାଇଁ ଜାତୀୟ ବୃତ୍ତିଗତ ମାନଦଣ୍ଡ (ଏନ୍‌ପିଏସ୍‌ଟି) ଏବଂ ପରାମର୍ଶ ଦେବା ପାଇଁ ଜାତୀୟ ମିଶନ (ଏନ୍‌ଏମ୍‌ଏମ୍) ର କ୍ଷମତା ବିକାଶ ଉପରେ ଏକ ୨ ଦିନିଆ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନସିଟିଇ) ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟପାଳ ହରି ବାବୁ କମ୍ଭମପାଟି ଯୋଗଦେଇ ଦେଶର ଭବିଷ୍ୟତ ଗଠନରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ ଏବଂ ଶିକ୍ଷକଙ୍କ ବୃତ୍ତିଗତ ବିକାଶ ଏବଂ ପରାମର୍ଶ ପାଇଁ ଏକ ସଂରଚିତ ଢାଞ୍ଚା ଗଠନରେ ଏନ୍‌ସିଟିଇର ପ୍ରୟାସକୁ ପ୍ରଶଂସା କରିଥିଲେ।

ସେ କହିଥିଲେ ଯେ, ଏହି ସମାବେଶ ଭାରତର ଶିକ୍ଷା ଇକୋସିଷ୍ଟମର ଶକ୍ତି ଏବଂ ବିବିଧତାକୁ ପ୍ରତିଫଳିତ କରେ। ଜାତୀୟ ଶିକ୍ଷା ନୀତି-୨୦୨୦ ଅନ୍ତର୍ଗତ ଶିକ୍ଷକମାନଙ୍କ ପାଇଁ ଜାତୀୟ ବୃତ୍ତିଗତ ମାନଦଣ୍ଡ (ଏନ୍‌ପିଏସ୍‌ଟି) ଏବଂ ନ୍ୟାସନାଲ ମିଶନ ଫର ମେଣ୍ଟରିଂ (ଏନ୍‌ଏମ୍‌ଏମ୍) ଭଳି ପଦକ୍ଷେପଗୁଡ଼ିକୁ ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏକ ବାର୍ତ୍ତା ଏବଂ ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀଙ୍କ ଏକ ଭିଡିଓ ବାର୍ତ୍ତା ପ୍ରଦର୍ଶିତ କରାଯାଇଥିଲା। ଆଇଆଇଟିର ନିର୍ଦ୍ଦେଶକ ଶ୍ରୀପଦ କର୍ମାଲକର ଯୋଗଦେଇ ଶିକ୍ଷକ କ୍ଷମତାକୁ ସୁଦୃଢ଼ କରିବା ଏବଂ ଏନଇପି- ୨୦୨୦ର ଦୃଷ୍ଟିକୋଣ ସହିତ ଶିକ୍ଷକ ବିକାଶ ପଦକ୍ଷେପଗୁଡ଼ିକୁ ସମନ୍ୱିତ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏନସିଟିଇର ଅଧ୍ୟକ୍ଷ ପ୍ରଫେସର ପଙ୍କଜ ଆରୋରା ଯୋଗଦେଇ ଶିକ୍ଷକମାନଙ୍କ ପାଇଁ ବୃତ୍ତିଗତ ମାନଦଣ୍ଡ ସ୍ଥାପନ ଏବଂ ସମଗ୍ର ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରେ ଏକ ଦୃଢ଼ ପରାମର୍ଶଦାତା ଇକୋସିଷ୍ଟମ ଗଠନରେ ଏନପିଏସଟି ଓ ଏନଏମଏମର ପରିବର୍ତ୍ତନକାରୀ ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ।

**ଜାତୀୟ କନକ୍ଲେଭ ଉଦ୍‌ଘାଟିତ**

ସମ୍ମିଳନୀରେ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ପ୍ରମୁଖ ଅଂଶୀଦାରମାନଙ୍କୁ ଏକତ୍ରିତ କରିଥିଲା, ଯେଉଁଥିରେ ସ୍କୁଲ ଶିକ୍ଷା ବିଭାଗ, ଏସସିଇଆରଟି, ଡିଆଇଇଟି, ରାଜ୍ୟ/କେନ୍ଦ୍ରଶାସିତ ପ୍ରଦେଶର ନୋଡାଲ ଅଧିକାରୀ ଏବଂ ଆସାମ, ଅରୁଣାଚଳ ପ୍ରଦେଶ, ବିହାର, ଝାଡ଼ଖଣ୍ଡ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ଓଡ଼ିଶା, ସିକିମ, ତ୍ରିପୁରା ଏବଂ ପଶ୍ଚିମବଙ୍ଗର କେଭିଏସ, ଏନଭିଏସ୍, ସିବିଏସଇ ଏବଂ ରାଜ୍ୟ ବୋର୍ଡ ସମେତ କେନ୍ଦ୍ରୀୟ ଏବଂ ରାଜ୍ୟ ସ୍କୁଲ ବ୍ୟବସ୍ଥାର ପ୍ରତିନିଧିମାନେ ସାମିଲ ଥିଲେ। ଏହି ଅବସରରେ ଏନସିଟିଇ ଦଳ ଦ୍ୱାରା ଏନପିଏସଟି ହ୍ୟାଣ୍ଡବୁକ୍‌ର ଏକ ବିସ୍ତୃତ ସମୀକ୍ଷା ଏବଂ ଏନପିଏସଟି ଡିଜିଟାଲ୍ ପୋର୍ଟାଲର ଏକ ଲାଇଭ୍ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଇଆଇଟିର ଡିନ୍ (ନିରନ୍ତର ଶିକ୍ଷା) ପ୍ରଫେସର ଭି. ପାଣ୍ଡୁ ରଙ୍ଗା ସ୍ୱାଗତ ଭାଷଣ ଦେଇଥିଲେ। ପରେ ଏନ୍‌ସିଟିଇର ଏକାଡେମିକ୍ ପରାମର୍ଶଦାତା ଡି. କେ ଚତୁର୍ବେଦୀ ଜାତୀୟ କନକ୍ଲେଭର ଏକ ସାରାଂଶ ପ୍ରଦାନ କରିଥିଲେ।

## ଚୋରା ମଦ ବେପାରୀଙ୍କୁ ୩ ବର୍ଷ ଜେଲ୍

ବାଲୁଗାଁ,୧୩।୩(ସମିସ): ଚିଲିକା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଯୁଧିଷ୍ଠିର ଦଲେଇ ଏକ ବେଆଇନ ଚୋରା ମଦ କାରବାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି। ଜରିମାନା ଅନାଦାୟ ଅତିରିକ୍ତ ୬ମାସ ଜେଲ୍ ଦଣ୍ଡାଦେଶ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ଜଣକ ହେଲେ ବାଲୁଗାଁ ଥାନା ଅନ୍ତର୍ଗତ ବଡ଼କୁଳ ଗ୍ରାମର ରାମଚନ୍ଦ୍ର ସାହୁ (୪୭)।

ସୂଚନା ମୁତାବକ, ଗତ ଜାନୁୟାରୀ ୧୯ ସକାଳେ ବାଲୁଗାଁ ଅବକାରୀ ଅଧିକାରୀ ଅଜିତ କୁମାର ପାତ୍ରଙ୍କ ନେତୃତ୍ୱରେ ଏଏସ୍‌ଆଇ ମୀନକେତନ ମହାଲିକଙ୍କ ସମେତ ଅବକାରୀ ଟିମ ପାଟ୍ରୋଲିଂ କରୁଥିବାବେଳେ ବଡ଼କୁଳ ବଜାର ନିକଟ ସୁବୁଦ୍ଧିପାଟଣା ଛକ ଅଞ୍ଚଳରେ ବେଆଇନ ଭାବେ ମଦ କାରବାର ଚାଲିଥିବା ଖବର ପାଇ ଚଢ଼ଉ କରିଥିଲେ। ଚଢ଼ଉ ବେଳେ ସମ୍ପୃକ୍ତ ବ୍ୟବସାୟୀ ରାମଚନ୍ଦ୍ରଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୩୨ ଗୋଟି ଆସ୍କା ଫର୍ଟି ଦେଶୀମଦ ବୋତଲ ଜବତ କରିଥିଲେ। ବାଲୁଗାଁ ଅବକାରୀ ବିଭାଗ ଏକ ମାମଲା ରୁଜୁକରି ଅଭିଯୁକ୍ତ ରାମଚନ୍ଦ୍ରଙ୍କୁ କୋର୍ଟ ଚାଲାଣ କରିଥିଲେ। ସରକାରଙ୍କ ତରଫରୁ ଆଇନଜୀବୀ ପ୍ରଦୀପ୍ତ କୁମାର ନନ୍ଦ ଏବଂ ହରେକୃଷ୍ଣ ଜଗଦେବ ମାମଲା ପରିଚାଳନା କରିଥିଲେ। ବର୍ତ୍ତମାନ ଏହି ମାମଲାରେ ଦଣ୍ଡାଦେଶ ଶୁଣାଣି କରିଛନ୍ତି ବିଚାରପତି।

## ଶିକ୍ଷକ ନେତାଙ୍କ ବିୟୋଗରେ ଶୋକ



ବେଗୁନିଆ,୧୩।୩(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ମହାପାତ୍ର (୭୬) ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଶିକ୍ଷାଦାନ ସହିତ ଶିକ୍ଷକଙ୍କର ଉନ୍ନତି ପାଇଁ ଅହରହ କାର୍ଯ୍ୟ କରୁଥିଲେ। ଏଥିସହ ରାଜନୈତିକ କ୍ଷେତ୍ର ଓ ବିଭିନ୍ନ ସଂଗଠନ ସହ ଯୋଡ଼ି ହୋଇ ସମସ୍ତଙ୍କ ପ୍ରିୟ ହୋଇଥିଲେ। ମୃତ୍ୟୁ ଖବର ପାଇ ବିଧାୟକ ପ୍ରଦୀପ କୁମାର ସାହୁ, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ପଣ୍ଡା, ଶରତ ମହାପାତ୍ର, ବୀର କିଶୋର ପଣ୍ଡା, ବସନ୍ତ କୁମାର ପଣ୍ଡା ଓ ବିଶ୍ୱନାଥ ପଣ୍ଡା ପ୍ରମୁଖ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ହୋଇଥିବାବେଳେ ଏକମାତ୍ର ପୁତ୍ର ମୃତ୍ୟୁଞ୍ଜୟ ମୁଖାଗ୍ନି ଦେଇଥିଲେ।

## ଭଗବତ୍‌ପ୍ରେମୀଙ୍କ ବିୟୋଗରେ ଶୋକ



ବେଗୁନିଆ,୧୩।୩(ସମିସ): ବାଙ୍କୀ ଉପଖଣ୍ଡ କିଆପଲା ପଞ୍ଚାୟତ ଅନ୍ତର୍ଗତ କମଳପୁର (ନୂଆଗାଁ) ର ଭଗବତପ୍ରେମୀ ତଥା ଖଞ୍ଜଣୀ ଭଜନ ଗାୟକ ମଧୁସୂଦନ ମହାନ୍ତି (୫୭) ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ମୃତ୍ୟୁ ଖବର ଜଣାପଡ଼ିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ମୃତ୍ୟୁରେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀଙ୍କ ସହ ବିଭିନ୍ନ ବ୍ୟକ୍ତିବିଶେଷ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଜ୍ୟେଷ୍ଠ ପୁଅ ଭାସ୍କର ଓ ସାନପୁଅ ତାପସ ଗ୍ରାମ୍ୟ ଶ୍ମଶାନରେ ମୁଖାଗ୍ନି ଦେବା ପରେ ଅନ୍ତ୍ୟେଷ୍ଟି କ୍ରିୟା ସମାପନ ହୋଇଥିଲା।

## ବିଦ୍ୟାର୍ଥୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ବେଗୁନିଆ,୧୩।୩(ସମିସ): ବୋଲଗଡ଼ ବ୍ଲକ ଅନ୍ତର୍ଗତ ବୋରିକ ନୂଆଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ପ୍ରଧାନ ଶିକ୍ଷକ କିଶୋର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଗୋଷ୍ଠୀ ଶିକ୍ଷାଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ମୁଖ୍ୟଅତିଥି, ସାଧନ କେନ୍ଦ୍ର ସଂଯୋଜକ ବିଭୁ ପ୍ରସାଦ ମହାପାତ୍ର, ରବୀନ୍ଦ୍ର କୁମାର ନାୟକ, ସମାଜସେବୀ ପ୍ରମୋଦ କୁମାର ବେହେରା, ସୁଶାନ୍ତ କୁମାର ବେହେରା ଓ ସତ୍ୟବ୍ରତ ରଥ ଯୋଗଦେଇ ଶିକ୍ଷା ହାସଲ କରି ଉତ୍ତମ ପରିଚୟ ସୃଷ୍ଟି କରିବା ପ୍ରକୃଷ୍ଟ ମାଧ୍ୟମ ବୋଲି ମତ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ବିଦ୍ୟାର୍ଥୀମାନେ ବିଦ୍ୟାଳୟର ଅନୁଭୂତି ବଖାଣିଥିଲେ। ଶେଷରେ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ଚମ୍ପତି ଧନ୍ୟବାଦ୍ ଅର୍ପଣ କରିଥିଲେ।

## ମା' ଭୈରବୀଙ୍କ ପୀଠରେ ବାର୍ଷିକ ଉତ୍ସବ



ନିରାକାରପୁର,୧୩।୩(ସମିସ): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଡିଆ ଗ୍ରାମପଞ୍ଚାୟତର କାଶିପୁର ଗ୍ରାମର ଶ୍ରୀ ଶ୍ରୀ ମା ଭୈରବୀ ଦେବୀଙ୍କ ପୀଠରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଓ ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗୁରୁବାର ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବହୁ ସଂଖ୍ୟାରେ ଭକ୍ତମାନେ ଯୋଗଦେଇ ପୂଜାର୍ଚ୍ଚନା କରିବା ସହିତ ଠାକୁରଙ୍କ ଆଶୀର୍ବାଦ ଲାଭ କରିଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯଜ୍ଞ ପୀଠରେ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷ ଦିନରେ ଭକ୍ତମାନେ ପ୍ରସାଦ ସେବନ କରିଥିଲେ।

## ଚାଲିଛି ବାବା ବୁଖାରୀଙ୍କ ଉର୍ସ ଉତ୍ସବ; ଚଳଚଞ୍ଚଳ କାଇପଦର

# ବାବାଙ୍କୁ ଲାଗିହେବ ଆରବ ଚନ୍ଦନ, ଅତର

ଖୋର୍ଦ୍ଧା,୧୩।୩(ସମିସ)





ରାଜ୍ୟରେ ପ୍ରମୁଖ ସର୍ବଧର୍ମ ସମନ୍ୱୟ ପୀଠ ଖୋର୍ଦ୍ଧା ଉପକଣ୍ଠ କାଇପଦର ସ୍ଥିତ ବାବା ବୁଖାରୀଙ୍କ ପୀଠ। ବାବାଙ୍କ ଜନ୍ମ ଦିବସ ତଥା ଉର୍ସ ଉତ୍ସବ ଅବସରରେ ସନ୍ଧ୍ୟାରୁ ପୀଠ ଚଳଚଞ୍ଚଳ ହୋଇଛି। ଝିଲିମିଲି ଆଲୋକରେ ପୀଠ ଝଲସୁଥିବାବେଳେ ହଜାର ହଜାର ଶ୍ରଦ୍ଧାଳୁ ବାବାଙ୍କ ଦର୍ଶନ କରିଛନ୍ତି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଜଣାପଡ଼ିଛି। ଶୁକ୍ରବାର ସନ୍ଧ୍ୟାଠାରୁ କେବଳ ଜିଲ୍ଲା ନୁହେଁ ଦେଶ ବିଦେଶରୁ ଶ୍ରଦ୍ଧାଳୁ ସମାଗମ ଦେଖିବାକୁ ମିଳିଥିବା ବେଳେ ବାବାଙ୍କ ଉପରେ ଚାଦର ଚଢ଼ାଇବାକୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ଦେଖାଯାଇଛି। ରାତି ପ୍ରାୟ୨ଟା ୪୫ରୁ ବାବାଙ୍କ ସ୍ନାନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ପ୍ରତିବର୍ଷ ପରି ଆରବ ଦେଶରୁ ଆସିଥିବା ଶ୍ରଦ୍ଧାଳୁଙ୍କ ଚନ୍ଦନ, ଅତର ଏବଂ ଚାଦର ଚଢ଼ାଇବାକୁ ବାକି ରହିଛି। ବାବାଙ୍କ ପୀଠ ଉଜ୍ଜ୍ୱଳ ଆଲୋକରେ ଝଲସୁଥିବା ବେଳେ ସନ୍ଧ୍ୟା ୬ଟା ପରେ ଆରମ୍ଭ ହୋଇଛି ଖେଚୁଡ଼ି ଭୋଗ। ଖେଚୁଡ଼ି ମହକରେ ପୀଠ ପରିବେଶ ବାସ୍ନାରେ ମହକୁଥିବାବେଳେ ଶନିବାର ଯାଏ ଏହି ଭୋଗ ଶ୍ରଦ୍ଧାଳୁଙ୍କୁ ବଣ୍ଟାଯିବା

**ଚାଦର ଚଢ଼ାଇବାକୁ ଭିଡ଼**

ନେଇ ବ୍ୟବସ୍ଥା ହୋଇଛି। ସେହିପରି ପରମ୍ପରା ଅନୁଯାୟୀ ହିନ୍ଦୁଘର ଗୁଡ଼ିଆ ପୁଅର ନଡ଼ିଆ କୋରା ଭୋଗ ଏବଂ ମାଳି ଘରର ଫୁଲ ବାବା'ଙ୍କ ନିକଟରେ ଲାଗି ହେବାକୁଥିବାବେଳେ ମୁସଲମାନ ସମ୍ପ୍ରଦାୟର ପୂଜକ ପୂଜାପାଠ କରିଥାନ୍ତି। ଏଥିସହିତ ବାବାଙ୍କ ଉପରେ ଚାଦୁଆ ଚଢ଼ାଇବାକୁ ହଜାର ହଜାର ଶ୍ରଦ୍ଧାଳୁ ଅପେକ୍ଷା କରିଥିବାବେଳେ ଭକ୍ତଙ୍କ ମଧ୍ୟରେ ଦେଖାଯାଉଛି ଉତ୍କଣ୍ଠା। ଏଠାରେ ଏକ ନିଆରା ଢଙ୍ଗର ପରମ୍ପରା କେଉଁ ଆବାହମାନ କାଳରୁ ଚାଲି ଆସିଥିବାବେଳେ ହିନ୍ଦୁ ଲୋକମାନେ ଗୀତା ପାଠ ଏବଂ ମୁସଲମାନ ସମ୍ପ୍ରଦାୟର ଲୋକ କୋରାନ ପାଠ କରିଥାନ୍ତି। ତେଣୁ ବାବାଙ୍କ ପୀଠକୁ ରାଜ୍ୟର ଭଦ୍ରକ, ବାଲେଶ୍ୱର, ଜଳେଶ୍ୱର ଏବଂ ରାଜ୍ୟ ବାହାର ଟାଟା, ପଶ୍ଚିମବଙ୍ଗ, ହାଇଦ୍ରାବାଦ, ମୁମ୍ବାଇ ପ୍ରଭୃତି ଅଂଚଳରୁ ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ିବାରେ ଲାଗିଛି। ବାବାଙ୍କ ଜନ୍ମଦିବସରେ ଦର୍ଶନ କଲେ ବର୍ଷ ବର୍ଷର ପାପ କ୍ଷୟ ହୋଇଥାଏ ବୋଲି ବିଶ୍ୱାସ ରହିଥିବା ବୋଖାରୀ ପୀଠ କମିଟି ସଭାପତି ସେକ୍ ସନାଉଲ୍ଲା ପ୍ରକାଶ କରିଛନ୍ତି। ସେହିପରି ବାବାଙ୍କ ସ୍ନାନ ଜଳକୁ ସେବନ କଲେ ବହୁ ଦୂରାରୋଗ୍ୟରୁ ଆରୋଗ୍ୟ ଲାଭ ହୋଇଥାଏ ବୋଲି ସେ କହିଛନ୍ତି। ଉର୍ସ ଉତ୍ସବଲାଗି ଭିଡ଼ ହେଉଥିବାବେଳେ ଟ୍ରାଫିକ ଏବଂ ଆଇନ ଶୃଙ୍ଖଳା ନିୟନ୍ତ୍ରଣ କରିବାକୁ ଜିଲ୍ଲା ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

